# ଜାତୀୟ ରାଜପଥରେ ଓଲଟିଲା ଗ୍ୟାସ୍ ଟ୍ୟାଙ୍କର୍

**ଖଲ୍ଲିକୋଟ, ୩୧ ।୩(ସମିସ)**



- ଗ୍ୟାସ୍ ଲିକ୍ ଯୋଗୁଁ ଲୋକେ ଭୟଭୀତ
- ୭ ଘଣ୍ଟାର କସରତ ପରେ ସ୍ୱାଭାବିକ ହେଲା ସ୍ଥିତି

ଖଲ୍ଲିକୋଟ ଥାନାଠାରୁ ମାତ୍ର ପାଞ୍ଚଶହ ମିଟର ଦୂରରେ ବ୍ରହ୍ମପୁରଠାରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଗ୍ୟାସ ଟ୍ୟାଙ୍କର ରବିବାର ପୂର୍ବାହ୍ନରେ ଜାତୀୟ ରାଜପଥରେ ଓଲଟି ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହେଉଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳକୁ ହାଇ ଆଲର୍ଟରେ ରଖାଯାଇଥିଲା। ଉକ୍ତ ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତେବେ ଦୀର୍ଘ ୭ ଘଣ୍ଟାର କସରତ ପରେ ସ୍ୱାଭାବିକ ହୋଇଥିଲା ସ୍ଥିତି।

ସୂଚନାନୁସାରେ ବ୍ରହ୍ମପୁରଠାରୁ ଏକ ଗ୍ୟାସ ବଝେଇ ଟ୍ୟାଙ୍କର ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ତେବେ ୧୬ନଂ ଜାତୀୟ ରାଜପଥରେ ପୂର୍ବରୁ ଓଲଟି ପଡ଼ିଥିବା ଏକ ତେଲ ଟ୍ୟାଙ୍କରକୁ ଉଠା ଯାଉଥିବାରୁ ପୁଲିସ ପକ୍ଷରୁ ଉକ୍ତ ରାସ୍ତାକୁ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା। ଫଳରେ ଗ୍ୟାସ ଭର୍ତ୍ତି ଟ୍ୟାଙ୍କର୍‌ର ଡ୍ରାଇଭର ଖଲ୍ଲିକୋଟ ଗଡ଼ାଣିଆ ରାସ୍ତାକୁ ଗାଡ଼ି ବୁଲାଇ ଦେଇଥିଲେ। ଫଳରେ ନିୟନ୍ତ୍ରଣ ହରାଇ ଟ୍ୟାଙ୍କରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଟ୍ୟାଙ୍କର ଡ୍ରାଇଭର ଗୁରୁତର ହେଇଥିଲେ। ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହେଉଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ, ଛତ୍ରପୁର ଏସ୍‌ଡିପିଓ ଗୌରହରୀ ସାହୁ ଓ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ସହ ରମ୍ଭା ଏବଂ ଛତ୍ରପୁର ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ୟାସ ଲିକ୍ ହେଉଥିବାରୁ ସମଗ୍ର ଖଲ୍ଲିକୋଟ ଅଞ୍ଚଳକୁ ହାଇଆଲର୍ଟରେ ରଖାଯାଇଥିଲା। ପ୍ରତି ୧୦ ମିନିଟରେ ଥରେ ଅଗ୍ନିଶମ ବାହିନୀ ଗ୍ୟାସ ଟ୍ୟାଙ୍କର ଉପରେ ପାଣି ମାଡ଼ କରୁଥିଲେ। ନିକଟସ୍ଥ କାଠଗଡ଼ା ଗ୍ରାମକୁ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା। ଗ୍ରାମବାସୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗ୍ୟାସ ଲିକ୍ ହେଉଥିବାରୁ ସେମାନଙ୍କୁ ରୋଷେଇ କରିବା ପାଇଁ ମଧ୍ୟ ବାରଣ କରାଯାଇଥିଲା। ଖଲ୍ଲିକୋଟ ଏବଂ କେଶପୁରଠାରୁ ସେହି ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା। ସ୍ଥିତି ପରଖିବା ପାଇଁ ଜିଲ୍ଲା ଅଗ୍ନିଶମ ଅଧିକାରୀ ଶିଶିର କୁମାର ସିଂ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଖୋର୍ଦ୍ଧାରୁ ବୈଷୟିକ ଟିମ୍ ପହଞ୍ଚିବା ପରେ ସନ୍ଧ୍ୟା ୫ଟାରେ ୪ଟି କ୍ରେନ ସାହାଯ୍ୟରେ ଗ୍ୟାସ ଟ୍ୟାଙ୍କରକୁ ଉଠା ଯାଇଥିଲା। ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଗ୍ୟାସ ଟ୍ୟାଙ୍କର୍‌ରୁ ଗ୍ୟାସ ଲିକ୍ ଫଳରେ ଦୀର୍ଘ ସମୟ ଧରି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।

# ମେୟରଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ !

**ବ୍ରହ୍ମପୁର, ୩୧ ।୩(ସମିସ):** ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ଫେସବୁକ ଆକାଉଣ୍ଟ ହ୍ୟାକ ହୋଇଛି। କେହି ଜଣେ ଦୁର୍ବୃତ୍ତ ଆଇଡ଼ି ହ୍ୟାକ କରି ଅନ୍ୟମାନଙ୍କୁ ମେସେଜ ଯୋଗେ ଟଙ୍କା ମାଗୁଛି। ଏହା ଜାଣିବା ପରେ ମେୟର ଶ୍ରୀମତୀ ଦଳେଇ ଏଥିପ୍ରତି ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କ ଅଜାଣତରେ କେହି ଜଣେ ଦୁର୍ବୃତ୍ତ ଏଭଳି କାମ କରୁଛନ୍ତି। ଏଥିପ୍ରତି ସତର୍କ ରହିବା ସହ କାହା କଥାରେ ପଡ଼ି ଟଙ୍କା ନ ଦେବାକୁ ସୂଚନା ଦେଇଛନ୍ତି।

- ଡକାୟତି ଯୋଜନା ପଣ୍ଡ

# ୪ ଗିରଫ; ମାରଣାସ୍ତ୍ର ଓ କାର୍ ଜବତ

**ବେଗୁନିଆପଡ଼ା, ୩୧ ।୩(ସମିସ):** ବେଗୁନିଆପଡ଼ା ଥାନା ଅନ୍ତର୍ଗତ ରାଗପୁର ଛକ ନିକଟରେ ଦୁର୍ବୃତ୍ତମାନେ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ୍ ଏହାକୁ ପଣ୍ଡ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ପୁଲିସ ସେମାନଙ୍କ ନିକଟରୁ ମାରଣାସ୍ତ୍ର, ମୋବାଇଲ ଓ କାର୍ ଜବତ କରିଛି। ଶନିବାର ବିଳମ୍ବିତ ରାତିରେ ସେଠାରେ ଡକାୟତି ଯୋଜନା ଚାଲିଥିବାର ସୂଚନା ପାଇ ପୁଲିସ ପହଞ୍ଚିବା ପରେ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରିବା ପାଇଁ ଉଦ୍ୟମ କରୁଥିଲେ। ତେବେ ପୁଲିସ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କାବୁ କରିଥିବାବେଳେ ଜଣେ ଫେରାର ହୋଇଯାଇଥିଲା। ସେମାନେ ବ୍ୟବହାର କରୁଥିବା କାର୍ ଭିତରୁ ମାରଣାସ୍ତ୍ର ଜବତ କରିବା ସହ ଖେଳନା ବନ୍ଧୁକ ଓ ମୋବାଇଲ୍ ମଧ୍ୟ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଖଲ୍ଲିକୋଟ ଥାନା ଚିକିଲି ଗ୍ରାମର ଦଣ୍ଡପାଣି ନାୟକ, ମୋହନପୁର ଗ୍ରାମର ବବୁଲ ପରିଡ଼ା, ରମ୍ଭାସ୍ଥିତ ମିଞ୍ଜିନି ପାଟଣା ଗ୍ରାମର ବୃନ୍ଦାବନ ରେଡି ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବେଲପଡ଼ା ଗ୍ରାମର ଆକାଶ ଓରଫ ଟୁଲୁ ଭୋଇ। ନିର୍ବାଚନ ପୂର୍ବରୁ ପୁଲିସ୍ ପକ୍ଷରୁ ଯାଞ୍ଚ କଡାକଡି କରାଯିବା ସହ ନଜର ରଖାଯାଇଥିବା ବେଳେ ଅପରାଧୀମାନଙ୍କୁ ଠାବ କରିବା ପାଇଁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେପଟେ ୪ ଅଭିଯୁକ୍ତଙ୍କୁ ବେଗୁନିଆ ପଡ଼ା ଥାନା କେଶ ନମ୍ବର ୧୬୭ ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ବେଗୁନିଆପଡ଼ା ଥାନା ଅଧିକାରୀ ଅଶୋକ କୁମାର ହାଁସଦା କହିଛନ୍ତି।






ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ନୂଆ ପୁରୁଣା ଓ ବିଦେଶୀ ମୁଦ୍ରାରେ ତିଆରି କରିଛନ୍ତି ଓଡ଼ିଶା ମାନଚିତ୍ର

# ସେବାଶ୍ରମ ଛାତରୁ ପଡ଼ି ଛାତ୍ର ଆହତ

**ସାନଖେମୁଣ୍ଡି୩୧ ।୩(ସମିସ):** ସାନଖେମୁଣ୍ଡି ବ୍ଲକ ତପ୍ତପାଣି ଆଶ୍ରମ ବିଦ୍ୟାଳୟରେ ପାଣି ଟାଙ୍କି ସଫା କରିବାକୁ ଯାଇ ଥିବା ବେଳେ ଖସି ପଡ଼ି ଜଣେ ଛାତ୍ର ଆହତ ହୋଇଛନ୍ତି। ଆହତ ଛାତ୍ର ଜଣଙ୍କ ହେଲେ ତପ୍ତପାଣି ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ଗୁହାରିଆଖୋଲ ଗ୍ରାମର ଛାତ୍ର ବଳରାମ ଗମାଙ୍ଗ। ରବିବାର ମାଧହ୍ନ ସମୟରେ ବିଦ୍ୟାଳୟ ଦୁଇ ଚାରି ଜଣ ଛାତ୍ରଙ୍କୁ ବିଦ୍ୟାଳୟ ଶିକ୍ଷକ ପାଣି ଟାଙ୍କି ସଫା କରିବାକୁ ପଠାଇଥିବା ବେଳେ ଛାତ୍ର ମାନେ ଟାଙ୍କି ସଫା କରିବା ସମୟରେ ଅସାବଧାନତା କାରଣରୁ ବଳରାମ ଖସି ପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଦିଗପହଣ୍ଡି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଘରେ ଛାଡି ଦେଇଥିବା ସୂଚନା ମିଳିଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ପାତ୍ର କହିଛନ୍ତି ଯେ ଛାତ୍ର ଜଣଙ୍କ ହାତ ଧୋଇବାକୁ ଯାଇ ଅସାବଧାନତା ଯୋଗୁଁ ପଡ଼ି ଯାଇଛନ୍ତି। ଗୋଡ଼ ହାଡ଼ ଭାଙ୍ଗି ଯାଇଛି। ଆମେ ବ୍ରହ୍ମପୁର ବଡ଼ ମେଡିକାଲ ନେବାକୁ କହୁଛୁ କିନ୍ତୁ ଛାତ୍ରଙ୍କ ଅଭିଭାବକ ମନା କରୁଥିବା କହିଛନ୍ତି।



# ବିଜେଡିର ସାଂଗଠନିକ ବୈଠକ




**ବୁଗୁଡା, ୩୧ ।୩(ସମିସ):** ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ତଥା ମେ ୨୦ ତାରିଖରେ ଆସ୍କା ଲୋକସଭା ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନସ୍ଥ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ମତଦାନ ହେବ। ପୋଲସରା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଶ୍ରୀକାନ୍ତ ସାହୁଙ୍କ ନାମ ଘୋଷଣା ହେବା ପରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ରବିବାର ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରୋହିତ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ଅବସରରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଦଳୀୟ ସଂଗଠନକୁ ପୂର୍ବାପେକ୍ଷା ଆହୁରି ଅଧିକ ମଜଭୁତ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ସୁଧାଂଶୁ ଶେଖର ପାଢ଼ୀ, କେ. ନୀଳମାଧବ ଆଚାରୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀ ଯୋଗ ଦେଇଥିଲେ।

**ଚମାଖଣ୍ଡି ପୁଲିସର ଗାଡ଼ି ଯାଞ୍ଚ**

# ୧୪ ବାଇକ୍ ସହ ପିକ୍‌ଅପ୍ ଭ୍ୟାନ୍ ଜବତ

**ଛତ୍ରପୁର, ୩୧ ।୩(ସମିସ):** ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଗଞ୍ଜାମ ଏସ୍‌ପି ଜଗ ମୋହନ ମୀନାଙ୍କ ନିର୍ଦ୍ଦେଶରେ ଶନିବାର ରାତ୍ର ନରେନ୍ଦ୍ରପୁର ମୁଖ୍ୟ ରାସ୍ତାରେ ଚମାଖଣ୍ଡି ଥାନା ପୁଲିସ ପକ୍ଷରୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଏତିକିବେଳେ ୮ଟି ବାଇକ୍‌ରେ ତିନି ଜଣଙ୍କୁ ବସାଇ ଥିବ ସହ ୬ ଆରୋହୀ ନିଶା ଦ୍ରବ୍ୟ ସେବନ ଗାଡ଼ି ଚଳାଇବା ଏବଂ ଗୋଟିଏ ପିକ୍‌ଅପ ଭ୍ୟାନ ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଗାଡ଼ି ଜବତ କରାଯାଇଥଲା। ସୂଚନାଯୋଗ୍ୟ ମଦ୍ୟପାନ କରି ଗାଡି ଚଳାଇବା ଦ୍ୱାରା ବହୁ ଦୁର୍ଘଟଣା ଘଟୁଥିବାରୁ ଏହାକୁ ରୋକିବା ନିମନ୍ତେ ଏହି ଯାଞ୍ଚ କରାଯାଉଛି। ଯାଞ୍ଚ ବେଳେ ପ୍ରବେଶନାରୀ ଆଇପିଏସ ଅଧିକାରୀ ଏ.ବି ଶିଲ୍ପା, ଚମାଖଣ୍ଡି ଥାନା ଅଧିକାରୀ ଦୀପିକା ଦେବୀ ରାୟ ଓ ଜଗନ୍ନାଥପୁର ବିଟ୍ ହାଉସ ଅଧିକାରୀ ଏଏସ୍‌ଆଇ ଅରୁଣ କୁମାର ରାଉତ ଓ ପୁଲିସ ଟିମ୍ ଉପସ୍ଥିତ ଥିଲେ।



# କୋଦଳା ଏନ୍‌ଏସିରେ ଖୋଲିଲା ଜଳଛତ୍ର



**କୋଦଳା, ୩୧ ।୩(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ୧୩ଟି ୱାର୍ଡରେ ୧୩ଟି ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହାକୁ ଏନଏସି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ ଆରମ୍ଭ କରିଥିଲେ। ପ୍ରତ୍ୟେକ କେନ୍ଦ୍ରରେ ଯେମିତି ପାନୀୟ ଜଳର ଅଭାବ ଦେଖାନ ଯିବ ସେଥିପ୍ରତି ସଜାଗ ରହିବାକୁ ଜଣେ ଜଣେ ମହିଳା ସେଠାରେ ସେବା ଯୋଗାଇ ଦେବାକୁ ନିୟୋଜିତ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ସଠିକ ସମୟରେ ଜଳଛତ୍ର ଖୋଲାଯାଇଥିବାରୁ ଅଞ୍ଚଳବାସି ଖୁସି ବ୍ୟକ୍ତ କରିଛନ୍ତି।

# ସାଂଗଠନିକ ବୈଠକରେ ଯୋଗଦେଲେ ବିଧାୟିକା

**ବେଗୁନିଆପଡ଼ା,୩୧ ।୩(ସମିସ):** କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ବେଗୁନିଆପଡ଼ା ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ, ଜନପ୍ରତିନିଧି ଓ ବରିଷ୍ଠ ବିଜେଡି ନେତା ଓ ସକ୍ରିୟ କର୍ମୀମାନଙ୍କୁ ନେଇ ଏସ୍.ଛଚିନାଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କବିସୂର୍ଯ୍ୟନଗରରୁ ପୁନଃ ବିଧାୟିକା ପ୍ରାର୍ଥୀ ହୋଇଥିବା ବିଧାୟିକା ଲତିକା ପ୍ରଧାନ ଯୋଗଦେବା ପରେ ସମସ୍ତ ଜନପ୍ରତିନିଧିମାନେ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜଣାଇଥିଲେ। ରାଜ୍ୟ ସରକାରଙ୍କ ବହୁ ଜନହିତକର ଯୋଜନାଗୁଡ଼ିକ ଉପରେ ବିଧାୟିକା ଆଲୋକପାତ କରି ପ୍ରତ୍ୟେକ ପଞ୍ଚାୟତଗୁଡ଼ିକରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଉପରେ ଲୋକଙ୍କୁ ବୁଝାଇଥିଲେ। ବୈଠକରେ ବେଗୁନିଆପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ୪୪ନଂ, ୪୫ନଂ ଜିଲ୍ଲା ପରିଷଦ ସଭ୍ୟା କଲ୍ୟାଣୀ ପାତ୍ର, ମଧୁମିତା ସାହୁ, ୪୬ନଂ ଜୋନ୍ ପ୍ରତିନିଧିଙ୍କୁ ଜୟ ସ୍ୱାଇଁ, ତ୍ରିନାଥ ଭୁୟାଁ, ବରିଷ୍ଠ ବିଜେଡି ନେତା ମହେଶ୍ୱର ବରାଡ ବିଜୁ ଜନତା ଦଳର ବ୍ଲକ ସଭାପତି ସିମାଞ୍ଚଳ ସାମଲଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ଆଘାତରେ ମତ୍ସ୍ୟଜୀବୀ ମୃତ

**ରମ୍ଭା,୩୧ ।୩(ସମିସ):** ଜମିରେ ପାଣି ମଡ଼ାଇବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗେପୀନାଥପୁରର ବସନ୍ତ ବେହେରା। ସେ ଜଣେ ମତ୍ସ୍ୟଜୀବୀ ହୋଇଥିବାରୁ ଏହି ଖବର ପାଇ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ସଂଘର କାର୍ଯ୍ୟକର୍ତ୍ତା ଦୁଃଖ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ତେବେ ସେ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ନାବାଳିକାଙ୍କୁ ହଇରାଣ, ହତ୍ୟାଧମକ ଦେଇ ଯୁବକ ଗିରଫ

**ବ୍ରହ୍ମପୁର, ୩୧ ।୩(ସମିସ):** ସ୍କୁଲ ଯିବା ରାସ୍ତାରେ ଜଣେ ନାବାଳିକାଙ୍କୁ ପ୍ରତିଦିନ ହଇରାଣ କରିବା ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ଧମକ ଦେବାଭଳି ଗୁରୁତର ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ପାଣ୍ଡବନଗରର ସାଗର ବେହେରା(୨୩)। ସୂଚନାଯୋଗ୍ୟ ଯେ, ପାଣ୍ଡବନଗରର ଜଣେ ନାବାଳିକାଙ୍କୁ ସ୍କୁଲ ଯିବା ରାସ୍ତାରେ ସାଗର ବେହେରା ବିବାହ କରିବାକୁ ନିବେଦନ କରିବା ସହ ମାନସିକ ନିର୍ଯାତନା ଦେଉଥିଲା। ଏପରିକି ବିବାହ ପାଇଁ ରାଜି ନହେଲେ ନାବାଳିକାଙ୍କ ମାଙ୍କୁ ହତ୍ୟା କରିବା ନେଇ ଧମକ ଦେଇଥିଲେ। ଯାହାକୁ ନେଇ ନାବାଳିକା ଜଣକ ଘରେ ପ୍ରତିଦିନ କାନ୍ଦିବା ସହ ତାଙ୍କ ପାଠପଢ଼ାରେ ବାଧା ଉପୁଜିଥିଲା। ଅଧିକାଂଶ ସମୟରେ ସାଗର ନାବାଳିକାଙ୍କ ଘର ନିକଟକୁ ଆସି ନାବାଳିକାଙ୍କ ଘର ବାରଣ୍ଡାକୁ ମୋବାଇଲ ଫୋପାଡିବା ସହ ନାବାଳିକାଙ୍କ ସହିତ କଥାହେବାକୁ ବାଧ କରୁଥିଲେ ବୋଲି ନାବାଳିକାଙ୍କ ପିତା ଗତ ୨୯ ତାରିଖରେ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି ସାଗର ନାବାଳିକାଙ୍କ ଫଟୋକୁ ଏଡିଟ୍ କରି ବ୍ଲାକମେଲ କରୁଥିବା ଅଭିଯୋଗ ହୋଇଛି। ନିସାଶକ୍ତ ଅବସ୍ଥାରେ ରହୁଥିବା ସାଗର ସହିତ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପରିବାର ପକ୍ଷରୁ ଚେଷ୍ଟା କରାଯାଇଥିଲେ ହେଁ ସାଗର ପାଲଟା ହତ୍ୟା କରିବାକୁ ଧମକ ଦେଉଥିବାରୁ ନାବାଳିକାଙ୍କ ପରିବାର ବର୍ଗ ଭୟଭୀତ ହୋଇ ରହିଥିଲେ। ଥାନାରେ ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ସାଗର ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସଆଇ ରଞ୍ଜିତ କୁମାର ଦାଶ ସୂଚନା ଦେଇଛନ୍ତି।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୁଷୋତ୍ତମପୁର, ୩୧ ।୩(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର-ଭୂତସରସିଙ୍ଗି ରାସ୍ତା ନିକଟରେ ଥିବା ବଗିଚାର ଏକ ନିଳଗିରି ଗଛରେ ଗାମୁଛା ବାନ୍ଧି ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ମୃତଦେହ ଝୁଲୁଥିବା ନେଇ ପୁଲିସରେ ଖବର ଦେଇଥିଲେ। ପୁଲିସ ପହଞ୍ଚି ସେଠାରେ ଥିବା ଏକ ବ୍ୟାଗ ପାଇଥିଲା। ସେଥିରୁ ଆଧାର କାର୍ଡ, ପାନ୍ କାର୍ଡ, ଭୋଟର କାର୍ଡ ପାଇଥିଲା। ସେଥିରୁ ଯୁବକ ଜଣଙ୍କ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଚନ୍ଦନପୁରୁ ଗ୍ରାମର ଅଶୋକ ପ୍ରଧାନ (୩୦) ବୋଲି ଜଣାପଡ଼ିଛି। ଯୁବକର ପରିବାରକୁ ଖବର ଦିଆଯାଇଥିଲା। ପରିବାରବର୍ଗ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି।

# ସେବା ଯୋଗାଇବାରେ ଅବହେଳା କରୁଛି ଭ୍ରାମ୍ୟମାଣ ପଶୁ ଚିକିତ୍ସା ଆମ୍ବୁଲାନ୍ସ

**ବ୍ରହ୍ମପୁର, ୩୧ ।୩(ସମିସ)**



- ସୀମା ନିର୍ଦ୍ଧାରଣ ନିମନ୍ତେ ଲାଗିଲା ୫ ଘଣ୍ଟା ସମୟ
- ଛଟପଟ ହୋଇ ମୃତ୍ୟୁବରଣ କଲା ଅସୁସ୍ଥ ଷଣ୍ଢ
- ଆମ୍ବୁଲାନ୍ସରେ ନଥିଲେ ଡାକ୍ତର
- ବିଳମ୍ବରେ ପହଞ୍ଚିବା କାରଣକୁ ନେଇ ହେବ ତଦନ୍ତ: ଏସ୍‌ଡିଭିଓ

ପଶୁପକ୍ଷୀଙ୍କ ଚିକିତ୍ସା ସୁବିଧା ନିମନ୍ତେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ପଶୁ ଚିକିତ୍ସା ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯାଉଛି। ବିଭାର ଦ୍ୱାରା ଜାରି ହୋଇଥିବା ୧୯୬୨ ନମ୍ବରକୁ ଫୋନ କରିବାର କିଛି ସମୟ ମଧ୍ୟରେ ଘଟଣାର ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚିବ। ଆହତ ବା ଅସୁସ୍ଥ ପଶୁପକ୍ଷୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇବା ସୁବିଧା ରହିଛି। କିନ୍ତୁ ଉକ୍ତ ଭ୍ରମ୍ୟମାଣ ପଶୁ ଚିକିତ୍ସା ଆମ୍ବୁଲାନ୍ସ ସେବା ଯୋଗାଇବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ହିଞ୍ଜିଳିକାଟୁର ଚିନ୍ମୟ ମହାରଣା କିଛି ଦିନ ପୂର୍ବେ ରୁବି ଚକ୍ଷୁ ହସ୍ପିଟାଲ ନିକଟରେ ଥିବା ଭୈରବୀ ନଗର ଦ୍ୱିତୀୟ ଲାଇନ୍ ସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଆସିଥିଲେ। ସେ ରବିବାର ସକାଳୁ ଭୈରବୀ ନଗର ନିକଟରେ ଏକ ଷଣ୍ଢ ଅସୁସ୍ଥ ହୋଇ ପଡ଼ି ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। ଏନେଇ ଚିନ୍ମୟ ପ୍ରାୟ ସକାଳ ୭ଟା ସମୟରେ ଭ୍ରମ୍ୟମାଣ ପଶୁ ଚିକିତ୍ସା ଆମ୍ବୁଲାନ୍ସ ନିମନ୍ତେ ଜାରି ହୋଇଥିବା ହେଲ୍ପ ଲାଇନ ନମ୍ବରକୁ ଫୋନ କରି ଘଟଣା ସମ୍ପର୍କରେ କହିଥିଲେ। କିଛି ସମୟ ମଧ୍ୟରେ ଉକ୍ତ ସ୍ଥାନରେ ଆମ୍ବୁଲାନ୍ସ ପହଞ୍ଚିବ ବୋଲି ହେଲ୍ପ ଲାଇନରେ କଥା ହେଉଥିବା କର୍ମଚାରୀ ଜଣଙ୍କ ଚିନ୍ମୟଙ୍କୁ କହିଥିଲେ। ଏହାର ବହୁ ସମୟ ପରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଚିନ୍ମୟଙ୍କୁ ଯୋଗାଯୋଗ କରି ଏହା ବ୍ରହ୍ମପୁର ମହାନଗର ନିଗମ ଅଧିନରେ ନାହିଁ। ତେଣୁ ଆମ୍ଭେ ଯାଇ ସେବା ଯୋଗାଇ ପାରିବୁ ନାହିଁ। ଏଥି ନିମନ୍ତେ କୁକୁଡ଼ାଖଣ୍ଡିରୁ ଆମ୍ବୁଲାନ୍ସ ଆସିବ ବୋଲି କହିଥିଲେ। ଏହା ପରେ ପ୍ରାୟ ୧୦ଘଣ୍ଟ ସମୟ ହୋଇଯାଇଥିବା ଥିବା ବେଳେ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚିଲା ନାହିଁ। ପୁଣି ଥରେ ଚିନ୍ମୟ ହେଲ୍ପ ଲାଇନ ନମ୍ବରକୁ କଲ କରିବା ସହ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହା ପରେ ମଧ୍ୟ ୧୧ଘଣ୍ଟା ସମୟ ପର୍ଯ୍ୟନ୍ତ ଘଟଣା ସ୍ଥଳରେ କୌଣସି ପଶୁ ଚିକିତ୍ସକ କିମ୍ବା ଆମ୍ବୁଲାନ୍ସ ପହଞ୍ଚିଲା ନାହିଁ। ଅନ୍ୟପକ୍ଷରେ ଭିଷଣ ଖରାରେ ଅସୁସ୍ଥ ଷଣ୍ଢଟି ରାସ୍ତା କଡ଼ରେ ପଡ଼ି ଜୀବନ ସହ ସଂଗ୍ରାମ କରୁଥାଏ। ଖବର ପାଇ ପଶୁପ୍ରେମୀ ବିଜୁ ଲେଙ୍କା ଓ ଲାଲାଟେନ୍ଦୁ ଚୌଧୁରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ମନୋଜ ସାହୁ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ଅରବିନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିଥିଲେ। ଏହାର ପରେ ଦୀର୍ଘ ୫ଘଣ୍ଟା ଅର୍ଥାତ ୧୨ଘଣ୍ଟ ସମୟରେ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟର ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସବୁଠାରୁ ଆଚାର୍ଯ୍ୟ କଥା ହେଲେ ଆମ୍ବୁଲାନ୍ସରେ କେହି ଡାକ୍ତର ନଥିଲେ। କେବଳ ଆମ୍ବୁଲାନ୍ସ ଡ୍ରାଇଭର ଓ ଏଏଚଏଲ ଆସିଷ୍ଟାଣ୍ଟ ସନ୍ତୋଷ କୁମାର ମହାପାତ୍ର ପହଞ୍ଚିଥିଲେ। ସେତେବେଳକୁ ଯନ୍ତ୍ରଣାରେ ଛଟପଟ ହେଉଥିବା ଅସୁସ୍ଥ ଷଣ୍ଢଟିର ମୃତ୍ୟୁ ହୋଇଯାଇଥିଲା। ଏହାର କିଛି ସମୟ ପରେ ଗୁରୁଣ୍ଟି ଏଲଆଇ ସୁଜିତ୍ କୁମାର ବେହେରା ପହଞ୍ଚିଥିଲେ। ଆଶ୍ଚର୍ଯ୍ୟର କଥା ଯେ, ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟଠାରୁ ଆହତ ଷଣ୍ଢଟିର ଘଟଣା ସ୍ଥଳ ମାତ୍ର ୬ରୁ ୮ କିଲୋମିଟର ଦୂର ରହିଥିବା ବେଳେ ୧୫ରୁ ୨୦ମିନିଟ ମଧ୍ୟରେ ଆମ୍ବୁଲାନ୍ସ ପହଞ୍ଚିପାରି। କିନ୍ତୁ କୁକୁଡ଼ାଖଣ୍ଡି ପ୍ରାଣୀ ଚିକିତ୍ସାଳୟ ଓ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସୀମା ନିର୍ଦ୍ଧାରଣ ନିମନ୍ତେ ପ୍ରାୟ ୫ଘଣ୍ଟା ସମୟ ଲାଗିଥିଲା। ଯାହାଫଳରେ ନିରୀହ ଅସୁସ୍ଥ ଷଣ୍ଢଟି ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ମୁଖରେ ପଡ଼ିଥିଲା। ଷଣ୍ଢଟିର ମୃତ୍ୟୁ ଓ ଆମ୍ବୁଲାନ୍ସରେ ପ୍ରାଣୀ ଚିକିତ୍ସକ ଅନୁପସ୍ଥିତ ଘଟଣାକୁ ନେଇ ପଶୁପ୍ରେମୀ ଏବଂ ସ୍ଥାନୀୟ ବାସିନ୍ଦା ଘଟଣା ସ୍ଥଳରେ କିଛି ସମୟ ଧରି ଉତ୍ତେଜନା କରିଥିଲେ। ଅନ୍ୟପକ୍ଷରେ ଘଟଣାକୁ ନେଇ ଏସଡିଭିଓ ଡ଼ା. ଅରବିନ୍ଦ ବେହେରାଙ୍କୁ ପଚାରିବାକୁ ସେ କହିଛନ୍ତି କେଉଁ କାରଣରୁ ଘଟଣା ସ୍ଥଳରେ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଲା। ସେନେଇ ତଦନ୍ତ କରାଯିବ। କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡାକ୍ତର ବେହେରା କହିଛନ୍ତି।

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



✓ ସୁଭାଷ ଚନ୍ଦ୍ର ପରିଡା

ଆବିର୍ଭାବ : ୨୨.୦୮.୧୯୪୭
ତିରୋଧାନ : ୨୨.୦୩.୨୦୨୪
ମନାପଡା, ଗୋପ, ପୁରୀ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣାବିନ୍ଦରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-: ଶୋକସନ୍ତପ୍ତ :-
ପୁତ୍ର, ପୁତ୍ର ବଧୂ, ବନ୍ଧୁ ଓ ପରିବାରବର୍ଗ

# ସାପ କାମୁଡ଼ାରେ ବୃଦ୍ଧା ମୃତ

**ବ୍ରହ୍ମପୁର, ୩୧।୩(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ପଲ୍ଲୀଗୁମୁଳା ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧା ଜଣକ ହେଲେ ସରସ୍ୱତୀ ପାତ୍ର(୬୦) ବୋଲି ପୁଲିସ କହିଛି । ସୂଚନାଯୋଗ୍ୟ ଯେ, ଶନିବାର ମଧ୍ୟାହ୍ନରେ ସରସ୍ୱତୀ ଘରେ ଖାଇ ବସିଥିବା ବେଳେ ଏକ ବିଷଧର ସାପ ବାମ ହାତକୁ କାମୁଡ଼ିଥିଲା । ପରେ ପରିବାର ଲୋକେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପୁଅ ରଜନୀକାନ୍ତ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଶରତ କୁମାର ମାହାଲିକ ସୂଚନା ଦେଇଛନ୍ତି ।

● ଭାଣିଜୀକୁ ଅସଦାଚରଣ

# ଗଳାକାଟି ଗହଣା ଲୁଟ୍ ଘଟଣାରେ ମାମୁ ଗିରଫ

**ବ୍ରହ୍ମପୁର, ୩୧।୩(ସମିସ):** ନିଜ ଭାଣିଜିଙ୍କୁ ଅସଦାଚରଣ କରିବା ସହ ଗଳାକାଟି ଅଳଙ୍କାର ଲୁଟ୍ ଘଟଣାରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଶ୍ରୀକାନ୍ତ ପାତ୍ର(୨୭) । ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଞ୍ଚଳରେ ଏକାକୀ ରହୁଥିବା ଜଣେ ଯୁବତୀଙ୍କୁ ତାଙ୍କ ମାମୁଁ ଶ୍ରୀକାନ୍ତ ପାତ୍ର ଅସଦାଚରଣ କରିଥିଲେ । ଗତ ଜାନୁଆରି ୨୭ ତାରିଖରେ ଶ୍ରୀକାନ୍ତ ନିଜ ଭାଣିଜୀଙ୍କ ଘରକୁ ଯାଇ ସେ ଏକାକୀ ରହୁଥିବାର ସୁଯୋଗ ନେଇ ଅସଦାଚରଣ କରିଥିଲେ । ଭାଣିଜୀ ଚିତ୍କାର କରିବାରୁ ଶ୍ରୀକାନ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକୁ କାଟି ସେ ପିନ୍ଧିଥିବା ସୁନା ଚେନକୁ ନେଇଯାଇଥିଲେ । ଏଥିରେ ଯୁବତୀ ଜଣକ ଆହତ ହୋଇ ମେଡ଼ିକାଲରେ ଭର୍ତି ହୋଇଥିଲେ । ପରେ ଘଟଣାକୁ ନେଇ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଘଟଣା ପରଠାରୁ ଏହି ମାମଲାରେ ଫେରାର ଥିବା ଅଭିଯୁକ୍ତ ଶ୍ରୀକାନ୍ତ ପାତ୍ରକୁ ପୁଲିସ ଶନିବାର ଗିରଫ କରି ରବିବାର କୋର୍ଟଚାଲାଣ କରିଛି ।

# ଜିଲ୍ଲାସ୍ତରୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍




**ବ୍ରହ୍ମପୁର, ୩୧।୩(ସମିସ):** ବ୍ରହ୍ମପୁର ସବଡ଼ିଭିଜନ ଅଲମ୍ପିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ ପରିସରରେ ଜିଲ୍ଲାସ୍ତରୀୟ ୧୪ବର୍ଷରୁ କମ ବାଳକ ବାଳିକାଙ୍କ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୪ଜଣ ବାଳକ ଓ ୩୮ ଜଣ ବାଳିକା ଅଂଶଗ୍ରହଣ କରିଥିଲେ । ଆସୋସିଏସନର ସାଧାରଣ ସମ୍ପାଦକ ଡ଼ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅର୍ଜୁନ ଆୱାଡ଼ି କ ରବି କୁମାର, କୋଚ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗୋପାଳ ଦାସ, ନାରାୟଣ ସାହୁ, ରମେଶଚନ୍ଦ ଚନ୍ଦ୍ର ପାଢ଼ୀ, ଗାଗାରିନ ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି କୃଷ୍ଣପ୍ରସାଦ ସାହୁ, ସୁଜିତ ପାତ୍ର, ଡ଼ି ବାବୁରାଓ, ବିଜୟ ଅଧିକାରୀ, ଡ଼ି ଆପ୍ପାରାଓ, ଯୋସେଫ ଦାସ, ଭି ଭଗବତୀ ରାଓ, ଟି ଶିବାନନ୍ଦ ବର୍ମା, ସୁଦିପ କୁମାର ସାହୁ, ଆଶୋକ ନିମାଇ, ନୟନ ଚନ୍ଦ୍ର ମହାପାତ୍ର ଓ ଅର୍ଚ୍ଚନା ମହାରଣା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ମାନପତ୍ର ପ୍ରଦାନ କରିଥିଲେ ।

# ଦୁଇ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ଘଟଣା; ୩ ଗିରଫ



● ଇନଷ୍ଟାଗ୍ରାମ ଲାଇଭ୍‌ରେ କମେଣ୍ଟମରାକୁ ନେଇ ହୋଇଥିଲା ଗଣ୍ଡଗୋଳ

● ବାଳସୁଧାର ଗୃହକୁ ଗଲେ ଦୁଇ ନାବାଳକ

**ବ୍ରହ୍ମପୁର, ୩୧।୩(ସମିସ)**

କାର୍ତ୍ତିକ ରାଓ ଓ ସିଦ୍ଧାନ୍ତ ଦାଶ ନାମକ ଦୁଇ ଯୁବକଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଏହି ମାମଲାରେ ପୁଲିସ ୩ ଜଣକୁ କାବୁ କରିଥିବା ବେଳେ ଏକାଧିକ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି । ବୈଦ୍ୟନାଥପୁର ଥାନା ଅଞ୍ଚଳର ଶୁଭମ ଲେଙ୍କା (୧୯)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଦୁଇଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଛି । ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଭୟ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି । ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢଉ ଜାରି ରଖିଛି । ଖୁବଶୀଘ୍ର ସମସ୍ତଙ୍କୁ ଧରିବାରେ ସଫଳ ହେବ ବୋଲି ପୁଲିସ ଆଶା ରଖିଛି । ଇନଷ୍ଟାଗ୍ରାମ ଲାଇଭରେ କମେଣ୍ଟମରାକୁ ନେଇ ପ୍ରଥମେ ବଚସା ଓ ପରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା । ସୂଚନାଯୋଗ୍ୟ ଯେ, ଗତ ୨୯ ତାରିଖରେ ବିଜିପୁରର ଏନ. କାର୍ତ୍ତିକ ରାଓ ଓ ସିଦ୍ଧାନ୍ତ କୁମାର ଦାଶ ଉଭୟେ ଇନଷ୍ଟାଗ୍ରାମରେ ଲାଇଭରେ ଆସିଥିଲେ । ଏହି ସମୟରେ ବାପୁଜୀ ନଗର ଅଞ୍ଚଳର ଦୁଇ ନାବାଳକ ଖରାପ ଭାଷାରେ କମେଣ୍ଟ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଉକ୍ତ ଦିନ ସନ୍ଧ୍ୟାରେ ବିଜିପୁର କାଳୀମନ୍ଦିର ନିକଟରେ କାର୍ତ୍ତିକ ଓ ସିଦ୍ଧାନ୍ତ ଚାଲିଚାଲି ଯାଉଥିବା ବେଳେ ସୁନିଲ, ଅରମନ, ଶୁଭମଲେଙ୍କା, ରାଜ୍, ସ୍ୱାଧୀନଙ୍କ ସମେତ ପ୍ରାୟ ୧୦ଜଣ ଯୁବକ ଗାଳିଗୁଲଜ କରିଥିଲେ । ପରେ ସୁନିଲ ଓ ସ୍ୱାଧୀନ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ପୁଲିସ ନିକଟ ଆହତ କାର୍ତ୍ତିକ ଅଭିଯୋଗ କରିଛନ୍ତି । ଆକ୍ରମଣରେ ସିଦ୍ଧାର୍ଥ ଓ କାର୍ତ୍ତିକ ଗୁରୁତର ଆହତ ହୋଇଥିଲେ । ଘଟଣାପରେ ଆକ୍ରମଣକାରୀ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ସ୍ଥାନୀୟ ଲୋକେ ସିଦ୍ଧାର୍ଥ ଓ କାର୍ତ୍ତିକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଖବରପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ବର୍ତ୍ତମାନ ଏହି ଘଟଣାର ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ସୁଜାତା କହଁର ସୂଚନା ଦେଇଛନ୍ତି ।

## ଗୋପାଳପୁର ବିଜେଡି ବିଧାୟକ ପ୍ରାର୍ଥୀ

# ବିକ୍ରମ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୩୧।୩(ସମିସ)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଆମ୍ବପୁଆ ସ୍ଥିତ ଏକ ହୋଟେଲ ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏ ଅବସରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଲାଗି ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ବିକ୍ରମ କୁମାର ପଣ୍ଡାଙ୍କୁ ଏଠାରେ କର୍ମୀ ଓ ପଞ୍ଚାୟତସ୍ତରର ନିର୍ବାଚିତ ଜନ ପ୍ରତିନିଧିମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଏ ଅବସରରେ ପଞ୍ଚାୟତସ୍ତରରୁ ସଂଗଠନକୁ ଆହୁରି ସୁଦୃଢ କରିବାକୁ ଶ୍ରୀ ପଣ୍ଡା କର୍ମୀଙ୍କୁ ଆହ୍ୱାନ ଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ବିଜୁ ଜନତା ଦଳର ପ୍ରାର୍ଥୀଙ୍କ ଭୋଟ ଦେଇ ରେକର୍ଡ଼ ସଂଖ୍ୟାରେ ବିଜୟୀ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

● ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ସାର୍ଥକ ମହାନ୍ତି 'ଗଞ୍ଜାମ ଶ୍ରୀ-୨୦୨୪'

**ବ୍ରହ୍ମପୁର, ୩୧।୩(ସମିସ)**

ସ୍ଥାନୀୟ ଟାଉନ ହଲରେ ଗଞ୍ଜାମ ଜିଲ୍ଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ପକ୍ଷରୁ ୪୮ ତମ 'ଗଞ୍ଜାମ ଶ୍ରୀ-୨୦୨୪' ପ୍ରତିଯୋଗିତା ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଆମେଚର ବଡିବିଲଡିଂ ଆସୋସିଏସନର ପ୍ରଦୀପ କୁମାର ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସୁନାମଧନ୍ୟ ସୁନ୍ଦର ସ୍ୱାସ୍ଥ୍ୟ ବିଚାରକ ଗିରିଜା ଶଙ୍କର ନାୟକ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ତର୍ଜାତୀୟ ବିଚାରକ ଉମାଚରଣ ଶତପଥୀ ଓ ବି.ଭେନୁଗୋପାଳ ରାଓ, ଆସୋସିଏସନ୍ ସାଧାରଣ ସମ୍ପାଦକ ଏସ୍.ରାଜେଶ ବାବୁ ଆଚାରୀ, ଏସୀୟ ବିଚାରକ ପୂଚନ୍ଦ୍ର ପଟ୍ଟନାୟକ, ଜାତୀୟ ବିଚାରକ ସୋମନାଥ ନନ୍ଦ, ବିଶିଷ୍ଟ ବିଚାରକ ନାରାୟଣ ସାହୁ ଜଜ୍ ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ବଛାବଛା ୧୨୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଜୁନିଅର୍ ବିଭାଗ, ମେନ୍ସ ସୋର୍ଟସ୍ ଫିଜିକ୍ ଏବଂ ମାଷ୍ଟର୍ସ ୪୦-୫୦ବର୍ଷ ଓ ୫୦ବର୍ଷ ଏବଂ ୫୫କେଜିଗ୍ରୀ ୧୦କେଜି ଏହିପରି ୧୨ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ବ୍ରହ୍ମପୁର ରାଜେଶ ବଡିଲାଇନ ଜିମର ସାର୍ଥକ ମହାନ୍ତି ଓଭରଆଲ ଚମ୍ପିଅନ୍ ହୋଇ ଉକ୍ତ ଟାଇଟଲ୍ ହାସଲ କରିଛନ୍ତି । ଏହି ଜିମ୍ବର ସତ୍ୟ ନାରାୟଣ ସାହୁଙ୍କୁ ମୋଷ୍ଟ ଇମ୍ପ୍ରୁଭର (ସର୍ବାଧିକ ବିକଶିତ) ବଡିବିଲଡର ଏବଂ ନାରାୟଣ ନାୟକଙ୍କୁ ବେଷ୍ଟ ପୋଷ୍ଟର (ଶ୍ରେଷ୍ଠ ଅଙ୍ଗୀଭଙ୍ଗୀ) ଟାଇଟଲ ମିଳିଛି । ଏହା ସହ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କ ନାମ ମଧ ଘୋଷିତ କରାଯାଇଥିଲା । ଡ୍ରିମ୍ ଏଣ୍ଡ ଡମ୍ବେଲ୍ ଜିମ୍‌ର ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଆୟୋଜକ ଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କ ଷଷ୍ଠିପୂର୍ତ୍ତି ଅଭିନନ୍ଦନ ଉତ୍ସବ



**ବ୍ରହ୍ମପୁର, ୩୧।୩(ସମିସ):** ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନ ଅଭିନନ୍ଦନ ସମିତି ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଆୟୋଜିତ ଷଷ୍ଠିପୂର୍ତ୍ତି ଅଭିନନ୍ଦନ ଉତ୍ସବରେ ଡ. ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅଭିନନ୍ଦନ ସମିତି ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରାକ୍ତନ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର୍ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାସ, ମହାମାୟୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. କବିତା ଶତପଥୀ ଓ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଡ. ପ୍ରଧାନଙ୍କ ସୁଦୀର୍ଘ ଅଧ୍ୟାପନା ଓ ମାନବୀୟ ଗୁଣାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅଭିନନ୍ଦନ ସମିତି ସମ୍ପାଦକ ଡ. ହୃଷୀକେଶ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସଂଗେ ସଂଗେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଭିନନ୍ଦନ ଗ୍ରନ୍ଥ ମୁଖ୍ୟ ସମ୍ପାଦକ ଡ. କୁଳମଣି ଓଝା କାର୍ଯ୍ୟକ୍ରମର ସଂଯୋଜନା କରିବା ସଂଗେ ସଂଗେ ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କ ଜୀବନର ସଂକ୍ଷିପ୍ତ ଇତିବୃତ୍ତ ବର୍ଣ୍ଣନା କରିଥିଲେ । ଅଧ୍ୟାପନା ବୃତ୍ତିରୁ ସେବାନିବୃତ୍ତି ଅବସରରେ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ପକ୍ଷରୁ ମହାମାୟୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କୁ ଉପାୟନ, ପୁଷ୍ପ ସ୍ତବକ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅଭିନନ୍ଦନ ଗ୍ରନ୍ଥ ସମ୍ପାଦନା ମଣ୍ଡଳୀ ସଦସ୍ୟ ଡ. ଅଶୋକ କୁମାର ପଣ୍ଡା ପ୍ରଶସ୍ତିପତ୍ର ପାଠ କରିଥିଲେ । ଅଭିନନ୍ଦନ ସମିତି ପକ୍ଷରୁ ପ୍ରକାଶିତ ଷଷ୍ଠିପୂର୍ତ୍ତି ଅଭିନନ୍ଦନ ଗ୍ରନ୍ଥ 'ଅଭିଜ୍ଞାନ' ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ସମ୍ପାଦନା ମଣ୍ଡଳୀ ସଦସ୍ୟ ଡ. ସଞ୍ଜୟ କୁମାର ପଣ୍ଡା ଅଭିନନ୍ଦନ ଗ୍ରନ୍ଥ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଡ. ବନମାଳୀ ପାଣିଗ୍ରାହୀ, ଡ. ରାଧାଚରଣ ସାହୁ, ଡ. କୃଷ୍ଣ ପ୍ରସାଦ ମହାପାତ୍ର, ଡ. ସୁଶାନ୍ତ ଜେନା, ଡ. ପୁରୁଷୋତ୍ତମ ସାହୁ, ଡ. ସୁଜାତା ଶତପଥୀ, କେ. ନବୀନା, ଡ. ପୂର୍ଣ୍ଣ ଡ. ଆକୁଳାନନ୍ଦ ପାଢ଼ୀ, ଡ. ପ୍ରସନ୍ନ କୁମାର ବିଷୋୟୀ, ଡ. ରମେଶ ଚନ୍ଦ୍ର ସେନାପତି, ଡ. ରତ୍ନପ୍ରଭା ସାହୁ, ଡ. ତନୁଜ କୁମାର ବିଷୋୟୀ, ଡ. ଲକ୍ଷ୍ମୀ ନାରାୟଣ ଦାଶ, ଡ. ରାମଚନ୍ଦ୍ର ଜେନା, ଅଧ୍ୟାପକ ସୀମାଞ୍ଚଳ ସାହୁ, ଅଧ୍ୟାପକ ତ୍ରିଲୋଚନ ଦାଶ, ଡ. ବିନୋଦ ବିହାରୀ ପଟ୍ଟନାୟକ, ଅନୁପ କୁମାର ମିଶ୍ର, ନଳିନୀକାନ୍ତ ଗୌଡ଼, ଅଧ୍ୟାପକ ଧର୍ମେନ୍ଦ୍ର ନାଥ ପାତ୍ର, ଅଧ୍ୟାପକ ପ୍ରଶାନ୍ତ କୁମାର ପାତ୍ର, ଅଧ୍ୟାପକ ସୁନୀଲ କୁମାର ମୁନି, ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଡ. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ସମ୍ବର୍ଦ୍ଧମାନ୍ ପ୍ରତିଭା ଡ. ପ୍ରଧାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ଡ. ପ୍ରଧାନଙ୍କ ସହଧର୍ମିଣୀ ଡ. ପୁଷ୍ପଲତା ସାହୁ, ପୁତ୍ର ଅଭିଳାଷ, ବୋହୂ ତନୁଶ୍ରୀ, କନ୍ୟା ଅପରାଜିତା, ଶ୍ୟାଳକ ପ୍ରଦୀପ ଓ ସୁଦୀପ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଶେଷରେ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂକସାକ୍ଷୀ ଉତ୍କଳ ଆଶ୍ରମ

**ବ୍ରହ୍ମପୁର, ୩୧।୩(ସମିସ)**



ସ୍ୱତନ୍ତ୍ର ଭାଷାଗତ ରାଜ୍ୟ ଓଡ଼ିଶା । ଯାହା ପୂର୍ବରୁ ଉତ୍କଳ ପ୍ରଦେଶ ଭାବେ ପରିଚିତ ଥିଲା । ଏହାର ଗାରିମା ଓ ମହିମା ବିଶ୍ୱବିଦିତ । ଭାଷାଗତ ଭାବେ ଉତ୍କଳ ପ୍ରଦେଶ ଗଠନ ଲାଗି ଏହି ରାଜ୍ୟ କେତେ ଯେ, ସଂଗ୍ରାମ କରିଛି ତାହା ସର୍ବେଁ ଜାଣନ୍ତି । ଏହାରି ପଛରେ ଅନେକ ମହାନ ପୁରୁଷଙ୍କ ଅବଦାନ ରହିଛି । ବିଶେଷ କରି ଅଭିଭକ୍ତ ଗଞ୍ଜାମ ଜିଲ୍ଲାର ବିଦ୍ୱାନ ରାଜାମାନେ ଏହାର ନେତୃତ୍ୱ ନେଇଥିବା ଜଣାଯାଏ । ଏମାନଙ୍କ ଦ୍ୱାରା ଲୋକଙ୍କୁ ସଂଗଠିତ କରିବାର ଦୃଢ ଇଚ୍ଛା ଓ ସଂକଳ୍ପ ଆଜି ବି ଇତିହାସ ପୃଷ୍ଠାରେ ଚୀର ଉଜ୍ଜୀବିତ । ଓଡ଼ିଆ ଭାଷା ଆନ୍ଦୋଳନ କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱରକୁ ତୀବ୍ର କରିବାରେ ଅଭିଭକ୍ତ ଗଞ୍ଜାମ ଜିଲ୍ଲାର ଅବଦାନ ଯଥେଷ୍ଟ ମନେହୁଏ । ଏହି ସ୍ୱରକୁ ସମସ୍ତ ଓଡ଼ିଆଙ୍କ ମଧ୍ୟରେ ଜାଗ୍ରତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବ୍ରହ୍ମପୁରର ଉତ୍କଳ ଆଶ୍ରମ । ସମସ୍ତଙ୍କୁ ଚାରିକାନ୍ଥ ଭିତରେ ବାନ୍ଧି ରଖି ଓଡ଼ିଆତ୍ୱର ଆହ୍ୱାନ ଦେବାରେ ଏହି ଅନୁଷ୍ଠାନ ଚୀରଜୀବିତ ହୋଇ ରହିଛି । ପ୍ରାପ୍ତ ସୂଚନା ମୁତାବକ ଓଡ଼ିଆ ଭାଷା ଆନ୍ଦୋଳନକୁ ସମସ୍ତଙ୍କ ମଧ୍ୟରେ ଜାଗ୍ରତ କରିବା ପାଇଁ ତତ୍କାଳୀନ ବଡ଼ଖେମୁଣ୍ଡି ରାଜା କୃପାମୟ ଦେଓ ଏହାର ଉତ୍କଳ ଆଶ୍ରମର ଶିଳାନ୍ୟାସ କରିଥିଲେ । ଓଡ଼ିଆ ମାନେ ସଂଗଠିତ ହେବାକୁ ଏକ ମଞ୍ଚ ପାଇଥିଲେ । ଉତ୍କଳ ସମ୍ମିଳନୀର ଅନେକ ବୈଠକ ଏଠାରେ ହୋଇଥିଲା । ସେତେବେଳର ବିଦ୍ୱାନ ବ୍ୟକ୍ତିମାନେ ଲୋକଙ୍କ ସଂଗଠିତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ନାରାକୁ ଏଠାରେ ହିଁ ତୀବ୍ର କରୁଥିଲେ । ସମସ୍ତ କାର୍ଯ୍ୟକ୍ରମର ରୂପରେଖ ଉତ୍କଳ ଆଶ୍ରମରେ ହିଁ ପ୍ରସ୍ତୁତ ହୋଇଥିବା ଅନେକ ଗବେଷକ ମତ ଦିଅନ୍ତି । ଉତ୍କଳ ଆଶ୍ରମ ପରବର୍ତ୍ତୀ ସମୟରେ ସ୍ଥାନୀୟ ଓଡ଼ିଆ ଭାଷାପ୍ରେମୀଙ୍କ ଉଦ୍ୟମରେ ଏହାର ବିକାଶ ହେଲା । ଏହିକ୍ରମରେ ୧୯୫୮ ମସିହାରେ ନାଟକ, ନୃତ୍ୟ, ସଙ୍ଗୀତର ଅଭିବୃଦ୍ଧି ଲକ୍ଷ୍ୟ ରଖି ଗଞ୍ଜାମ କଳା ପରିଷଦ ଗଢି ଉଠିଥିଲା । ସେହିଭଳି ୧୯୭୧ ମସିହାରେ କଳିଙ୍ଗ ସାହିତ୍ୟ ସମାଜର ମୂଳଦୁଆ ପଡ଼ିଥିଲା । ଉତ୍କଳ ଆଶ୍ରମ ପରିସରରେ ସମ୍ପ୍ରତି ୯୯ବର୍ଷ ଲିଜ ଆକାରରେ ଗଞ୍ଜାମ କଳା ପରିଷଦ ଚାଲିଛି । ସରକାରଙ୍କ ଅନୁଦାନରୁ ଗଞ୍ଜାଳ କଳା ପରିଷଦ ପରିସରରେ କବିସୂର୍ଯ୍ୟ ରଙ୍ଗମଞ୍ଚ ଗଢି ଉଠିଛି । ସେହିଭଳି ଉତ୍କଳ ଆଶ୍ରମ ପରିସରରେ ଭାଷା ଭବନ କକ୍ଷ ଓ ମୁକ୍ତ ମଞ୍ଚ ମଧ ସ୍ଥାନ ପାଇଛି । ପ୍ରତିଦିନ ଏଠାରେ ସାହିତ୍ୟାଲୋଚନା, ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହେଉଅଛି । ଅନ୍ୟତମ ପୁରୋଧା ସୀତା ଦେବୀ ଖାଡ଼ଙ୍ଗାଙ୍କ ସହଯୋଗକ୍ରମେ ଏଠାରେ ପାଠାଗାର ମଧ ରହିଛି । ୧୯୯୯ ମହାବାତ୍ୟା ସମୟରେ ଏଠାରେ ସ୍ଥାନିତ ଥିବା ପୁସ୍ତକ ଗୁଡ଼ିକ ନଷ୍ଟ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଏ ଗୁଡ଼ିକର ସୁରକ୍ଷା ଦିଗରେ ଟ୍ରଷ୍ଟ ବିଶେଷ ଗୁରୁତ୍ୱ ଦେଇଛନ୍ତି । ସେହିଭଳି ଟ୍ରଷ୍ଟ ସହାୟତାରେ ଏଠାରେ କିଛି କିଛି ଉନ୍ନତୀକରଣ କାର୍ଯ୍ୟ ହାତକୁ ମଧ ନିଆଯାଉଛି । ଏଣେ ଉତ୍କଳ ଆଶ୍ରମର ଏହି ଐତିହାସିକ କୋଠାର ରକ୍ଷଣା ବେକ୍ଷଣ ଦିଗରେ ସ୍ଥାନୀୟ ପ୍ରଶାସନ ବିଶେଷ ଯତ୍ନବାନ ହେବା ଆବଶ୍ୟକ ରହିଛି ବୋଲି ସାହିତ୍ୟପ୍ରେମୀମାନେ ମତ ଦେଇଛନ୍ତି । ଏଠାରେ ଆଲୋକୀକରଣରୁ ସୁଦୃଢ କରିବା ସହ ଭିତ୍ତିଭୂମି ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଉତ୍କଳ ମାଟିର ଏହି ଐତିହ୍ୟ ସ୍ୱାକ୍ଷର ବହନ କରୁଥିବା ପବିତ୍ର ପୀଠ, ଗଂଜାମ ଜିଲ୍ଲାର ଗର୍ବ ଗୌରବ ଉତ୍କଳ ଆଶ୍ରମ । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ଶହେ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଯେଉଁ ପରିସରରେ ଗୁଣୀ ଜ୍ଞାନୀ ବ୍ୟକ୍ତି ବିଶେଷଙ୍କ ସାଧନା ପାଇଁ ସୁନାମ ଅର୍ଜନ କରି ଆସିଛି ।

ସେହି ପୀଠର ମର୍ଯ୍ୟାଦା ରକ୍ଷା କରିବା ଦିଗରେ ସମସ୍ତେ ତତ୍ପର ରହିଛନ୍ତି । ଉତ୍କଳ ଆଶ୍ରମକୁ ସମ୍ପ୍ରତି ଐତିହାସିକ କୋଠା ମାନ୍ୟତା ଦାବି ଜୋର ଧରିଛି । ସରକାର ଓ ପ୍ରଶାସନ ଏହାକୁ ମାନ୍ୟତା ପ୍ରଦାନ କରି ଏହାର ଭିତ୍ତିଭୂମି ସୁରକ୍ଷା ଦିଗରେ ଗୁରୁତ୍ୱ ଦେଲେ ଉତ୍କଳ ଆଶ୍ରମ ନ୍ୟାସ ନୂତନ ପରିଚୟ ପାଇବ ବୋଲି ଆଶା କରାଯାଇଛି । ବ୍ରହ୍ମପୁର ସହରର ସର୍ବ ପୁରାତନ ଉତ୍କଳ ଆଶ୍ରମ ନ୍ୟାସ ୧୯୨୦ମସିହାରେ ପ୍ରତିଷ୍ଠା ହୋଇଥିବା ସୂଚନା ମିଳିଛି । ଏହାର ପରିଚାଳାନା ନିମନ୍ତେ ଟ୍ରଷ୍ଟ ଗଠିତ ହୋଇଛି । ବରିଷ୍ଠ ଶିକ୍ଷାବିତ ତଥା ସାହିତ୍ୟିକ ଡ଼ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହାର ସମ୍ପାଦକ ରହିଛନ୍ତି ।

> ଓଡ଼ିଆତ୍ୱର ଆହ୍ୱାନ ଦେଇ ସଂଗଠିତ କରିଥିଲା
>
> ଉତ୍କଳ ମାଟିର ସ୍ୱତନ୍ତ୍ର ସ୍ୱାକ୍ଷର ଆଜି ବି ଉଜ୍ଜୀବିତ

# ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନ



**ବ୍ରହ୍ମପୁର, ୩୧।୩(ସମିସ):** ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲ୍ଲା ଶାଖାର ୩ୟ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଭାପତି ଡି. ମୋହନ ରାଓ ସଭାପତିତ୍ୱ କରିଥିଲେ । ସମ୍ପାଦକ ନୀଳାଞ୍ଚଳ ମିଶ୍ର ବିବରଣୀ ପାଠ କରିଥିଲେ । ମହାସଂଘର ମହାସଚିବ ଗୋକୁଳି ଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ଶଙ୍କର୍ଷଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବୟସର ଅପରାହ୍ନରେ ବି ପେନସନର ଭଉଣୀ ଓ ଭାଇମାନେ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଅହରହ ସଂଗ୍ରାମ ଚଳାଇଥିବା ପ୍ରଶଂସନୀୟ ବୋଲି ସେ କହିଥିଲେ । ଏଥିସହିତ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କିଛି ଉପଦେଶ ଦେଇଥିଲେ । ନୂଆ ପେନସନକୁ ବାତିଲ କରି ପୁରୁଣା ପେନସନ ଲାଗୁ କରିବା, କରୋନା ସମୟର ୧୮ ମାସର ମହଙ୍ଗାଭତ୍ତା ଦେବା, ରେଳ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ୪୦ଶତକଡ଼ା ରିହାତିକୁ ପୁନଃ ପ୍ରଚଳନ କରିବା ଆଦି ଏଠାରେ ଦାବି କରାଯାଇଥିଲା । ସଂଗଠନର ବୟୋଜ୍ୟେଷ୍ଠ ସଭ୍ୟ କୁଞ୍ଜ ବିହାରି ପାଢି, ଏ ରାମଶଙ୍କର, ଶଙ୍କର ନାରାୟଣ ସରାଫ, ପଦ୍ମ ଚରଣ ଚୌଧୁରୀ, ଡି. ନରସିଂହ ପାତ୍ର, ଦୀନବନ୍ଧୁ ପାତ୍ର, ଅନ୍ତର୍ଯ୍ୟାମୀ ମହାରଣାଙ୍କୁ ମହାସଚିବ ଉତ୍ତରୀୟ ଓ ଚାରା ଦେଇ ସମ୍ମାନିତ କରିଥିଲେ । ସେହିଭଳି ସଂଗଠନର ଲଢୁଆ ସଂଗଠକ ସଭ୍ୟ ଡି. ଗୁରୁମୂର୍ତ୍ତୀ ପାତ୍ରଙ୍କୁ ମଧ ସମ୍ମାନିତ କରାଯାଇଥଲା । ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସୁକୁର, ଅଶ୍ୱିନୀ କୁମାର ପାଢ଼ୀ, ନବୀନ ଚନ୍ଦ୍ର ଜେନା, ବାନାମ୍ବର ପୋଲାଇ, ବି ଧର୍ମା ରାଓ, ପଞ୍ଚାନନ ଜେନା, ସହସ୍ରାନାମ ପାଠୀ, ଜୟନ୍ତୀ ବାଳା ମିଶ୍ର, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବରିଷ୍ଠଙ୍କ ହିତ ଉଦ୍ଦେଶ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ । ସଂଗଠନର ପୂର୍ବତନ ସଭାପତି କେ.ନନ୍ଦେଶ୍ୱ ସେନାପତି ଧନ୍ୟବାଦ ଦେଇଥିଲେ ।

■ ଆରମ୍ଭ ହେଲାଣି ଚୈତ୍ର ମାସର ଦଣ୍ଡଯାତ୍ରା

# ଢୋଲ, ମହୁରୀରେ କମ୍ପି ଉଠୁଛି ଗାଁ ଠୁ ସହର



**ଆସିକା, ୩୧।୩(ସମିସ):** ଓଡ଼ିଶାରେ ବାର ମାସରେ ତେର ପର୍ବ। ବିଶେଷ କରି ଚୈତ୍ର ମାସରେ ଗାଁ ଠୁ ସହର ସବୁଠି କମ୍ପି ଉଠୁଛି ଢୋଲର ତାଳେ ତାଳେ ମହୁରି କମ୍ପନ। ମାନସିକଧାରୀମାନେ ଚୈତ୍ର ମାସ ଆସିଲେ ନିଷ୍ଠାର ସହ ଘରୁ ବାହାରି ଆସି ସେମାନଙ୍କ ମାନସିକ ଦଣ୍ଡରେ ନିଷ୍ଠାର ସହ ମା' କାଳୀଙ୍କୁ ସୁମରଣା କରି ଦଣ୍ଡ ଯାତ୍ରାରେ ଯୋଗଦେଇଥାନ୍ତି। ଏହି ଯାତ୍ରା ୨୧ ଦିନ, ଅଠର ଦିନ, ତେର ଦିନ ଓ ବାର ଦିନ ଧରି ଅନୁଷ୍ଠିତ ହୋଇଥାଏ। ଦଣ୍ଡୁଆ ମାନେ ସେମାନଙ୍କ ପୂଜା ପାଠ ସହ ରୀତିନୀତି ପାଳି ଥାନ୍ତି। ଧୂଳି ଦଣ୍ଡଠାରୁ ଆରମ୍ଭ କରି ପାଣି ଦଣ୍ଡ ଓ ରାତ୍ରରେ ମାନସିକଧାରୀଙ୍କ ଘର ସମ୍ମୁଖରେ ମା'କାଳୀଙ୍କୁ ବିଜେ କରି ଦଣ୍ଡ ଖେଳି ଥାନ୍ତି। ଗାଁ ଓ ସହରର ଗଳି କନ୍ଦିରେ ଦଣ୍ଡ ନାଚ ଚାଲିଥିବା ବେଳେ ଗଞ୍ଜାମ ଜିଲ୍ଲାର ଦଣ୍ଡ ଯାତ୍ରା ଏକ ନିଆରା ପରିବେଶ ସୃଷ୍ଟି କରିଛି।

ଶୁଖିଲା ପଡ଼ିଛି ଋଷିକୁଲ୍ୟା

# ଜଳସେଚନ ଓ ଧାର୍ମିକ କାର୍ଯ୍ୟ ବାଧାପ୍ରାପ୍ତ



**ଧରାକୋଟ, ୩୧।୩(ସମିସ):** ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲ୍ଲାର ଜୀବନ ରେଖା। ଧାର୍ମିକ ଓ ଆଧ୍ୟାତ୍ମିକ ଭାବନା ସହ ଏହି ନଦୀ ଯେତିକି ଜଡ଼ିତ ପିଇବା ପାଣି ସହ ଜିଲ୍ଲାର ଜଳ ସେଚନ ବ୍ୟବସ୍ଥା ପାଇଁ ମଧ୍ୟ ଏହା ସେତିକି ଗୁରୁତ୍ୱପୂର୍ଣ୍ଣ। କନ୍ଧମାଳ ଜିଲ୍ଲାର ଋଷୀମାଳ ପର୍ବତରୁ ବାହାରି ଏହା ଗଞ୍ଜାମ ଜିଲ୍ଲାରେ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି। ଏହା ଉପରେ ଧରାକୋଟ ନିକଟସ୍ଥ ଜାନବିଲି ଠାରେ ବ୍ରିଟିଶମାନଙ୍କ ଅମଳରୁ ୧୮୯୧ରେ ନିର୍ମାଣ କରାଯାଇଥିବା ଆନିକଟ ଦ୍ୱାରା ଜିଲ୍ଲାର ଶହ ଶହ ହେକ୍ଟର ଜମିରେ ଜଳସେଚନ ହେଉଥିବା ବେଳେ ବ୍ରହ୍ମପୁର ସହର ସମେତ ସଂଖ୍ୟାଧିକ ଗ୍ରାମର ଲୋକେ ଏହି ନଦୀ ଉପରେ ପିଇବା ପାଣି ପାଇଁ ନିର୍ଭର କରନ୍ତି। ଏପରି କେତେକ ଶିଳ୍ପ ସଂସ୍ଥା ମଧ୍ୟ ଏହି ନଦୀର ପାଣି ବ୍ୟବହାର କରୁଛନ୍ତି। ଚିରସ୍ରୋତା ଏହି ନଦୀ ବର୍ତ୍ତମାନ ଶୁଖିଲା ପଡ଼ିଛି। ଅଭାବୀ ବର୍ଷା ସଂଗକୁ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଖରାର ପ୍ରକୋପ ଦିନକୁ ଦିନ ବଢ଼ୁଥିବା ବେଳେ ଜଳସ୍ତର ନିମ୍ନଗାମୀ ହେଉଛି। ଯାହାର ସିଧା ପ୍ରଭାବ ଜଳସେଚନ ଓ ପିଇବା ପାଣି ଉପରେ ପଡୁଛି। ସେହିପରି ବିଭିନ୍ନ ଧାର୍ମିକ କାର୍ଯ୍ୟ ଓ ପରମ୍ପରା ସହ ଏହି ନଦୀ ଜଡ଼ିତ। ମନ୍ଦିର ପ୍ରତିଷ୍ଠା, ଯଜ୍ଞ, ବାରୁଣୀ ସ୍ନାନ, ମଙ୍ଗଳ ସଂକ୍ରାନ୍ତି ସ୍ନାନ ପାଇଁ ଏହି ନଦୀର ପାଣି ବ୍ୟବହାର ହୁଏ। ଆସନ୍ତା ୬ ତାରିଖରେ ପବିତ୍ର ବାରୁଣୀ ସ୍ନାନ। ଏହି ନଦୀ ତଟରେ ଥିବା ଆସିକା, ପୁରୁଷୋତ୍ତମପୁର ଓ ପ୍ରତାପପୁରରେ ଥିବା ଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ବାରୁଣୀ ସ୍ନାନ କରନ୍ତି। ତେବେ ପାଣି ନଥିବା ଯୋଗୁଁ ଚଳିତ ବର୍ଷ ସ୍ନାନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ସମ୍ପ୍ରତି ଏହି ନଦୀ ଶୁଖିଲା ପଡ଼ିଥିବା ଯୋଗୁଁ ନଇ କୂଳିଆ ଗାଁ ଗୁଡ଼ିକର ପିଇବା ପାଣି ସମସ୍ୟା ଦିନକୁ ଦିନ ବଢୁଥିବା ଦେଖା ଯାଉଛି। ନଦୀ ଶୁଖିଲା ରହି ମାତ୍ର ଗୋଟିଏ ଧାର ପାଣି ଯାଉଥିବା ଯୋଗୁଁ ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକର ଇଣ୍ଟେକ୍ୱେଲରେ ପର୍ଯ୍ୟାପ୍ତ ପାଣି ଗଚ୍ଛିତ ହୋଇପାରୁନାହିଁ। ଅନ୍ୟପଟରେ ଗାଁ ଗାଁରେ କୂଅ, ପୋଖରୀ ଶୁଖିଲା ପଡ଼ିଛି। ଏଣୁ ଚଳିତ ବର୍ଷ ପିଇବା ପାଣି ଓ ଜଳସେଚନ ପାଇଁ ପାଣି ସମସ୍ୟା ଉତ୍କଟ ହେଲାଣି। ଆସନ୍ତା ଦୁଇମାସ ଖରାର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ତରଫରୁ ସୂଚନା ମିଳିଲାଣି। ଏହା ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ସୋରଡ଼ା ନିକଟସ୍ଥ ପିପଳପଙ୍କା, ଧରାକୋଟ ନିକଟସ୍ଥ ଜାନବିଲି ଓ ଛତ୍ରପୁର ନିକଟସ୍ଥ କଂସାରୀଗଣ୍ଡଠାରେ ନୂତନ ବ୍ୟାରେଜ ନିର୍ମାଣ କରି ଜଳ ସଂରକ୍ଷଣ ବ୍ୟବସ୍ଥା କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଦ୍ୱାରା ଋଷିକୁଲ୍ୟା ନଦୀର ଜଳକୁ ନିୟନ୍ତ୍ରଣ ଭିତରେ ରଖାଯାଇ ପିଇବା ପାଣି, ଜଳସେଚନ ଓ ଧାର୍ମିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇ ପାରିବ। ଅନ୍ୟପକ୍ଷରେ କାଶତଣ୍ଡି ସହ ଅନ୍ୟାନ୍ୟ ଲତାଗୁଳ୍ମ ଦ୍ୱାରା ନଦୀ ଗର୍ଭ ଆଚ୍ଛାଦିତ ହୋଇ ଧୀରେ ଧୀରେ ପୋତି ହୋଇ ଚାଲିଥିବା ଯୋଗୁଁ କୃତ୍ରିମ ବନ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖା ଦେଲାଣି। ଏଣୁ ଭଞ୍ଜନଗର ଜଳସେଚନ ବିଭାଗ ତରଫରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତଙ୍କ ଆହ୍ୱାନ

# ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଲଢ଼ିବା



**ପୋଲସରା, ୩୧।୩ (ସମିସ):** ବିଜେଡି ତାର ପୂର୍ବ ପ୍ରସ୍ତୁତିକୁ ନେଇ ନିଜ ସଙ୍ଗଠନକୁ ମଜଭୁତ୍ କରିବାରେ ଲାଗିଛି। ଏନେଇ ରବିବାର ପୋଲସରା ଏନ୍ଏସିସ୍ଥିତ କୋଣାର୍କ କଲ୍ୟାଣମଣ୍ଡପ ପରିସରରେ ବିଜୁ ଜନତା ଦଳର ଉଭୟ ବ୍ଲକ ଓ ଏନ୍ଏସିସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ମାସରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପୋଲସରା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ କିଭଳି ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟଲାଭ କରି ତୃତୀୟ ଥର ହ୍ୟାଟ୍ରିକ୍ ମାରିବେ ସେନେଇ ବିଜେଡିର ସମସ୍ତ ଜନପ୍ରତିନିଧି ଓ ଛାମୁଆ କର୍ମୀମାନଙ୍କୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ସେହିପରି ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ ଲଢ଼ିବାକୁ ବିଧାୟକ ଶ୍ରୀ ସାହୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ନିର୍ବାଚନ ମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଅଶୋକ କୁମାର ବିଷୋୟୀ, ସାଂସଦ ପ୍ରତିନିଧି ପ୍ରତାପ କୁମାର ପ୍ରଧାନ, ମୋତିରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଝୁନୁ ଦାସ, ବିକ୍ରମ କୁମାର ନାୟକ, ନଗର ଅଧକ୍ଷା ପ୍ରତିନିଧି ଶିଶିର ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ନଗର ସଭାପତି ରଞ୍ଜିତ ସାହୁ, ପୂର୍ବତନ ସଭାପତି ଭଗବାନ ସାହ, ଯୁବ ବିଜେଡି ସଭାପତି ସିଲୁ ଦଳେଇ, ସୁକାନ୍ତ କୁମାର ଭୂୟାଁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଞ୍ଜନ କୁମାର ସାହୁ, ଜିଲ୍ଲା ମହିଳା ବିଜେଡି ଉପସଭାନେତ୍ରୀ କବିତା ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି, ଦଳୀୟ ପଦାଧିକାରୀ ଓ ସଂଗଠକମାନେ ଯୋଗ ଦେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କବିସୂର୍ଯ୍ୟନଗର, ୩୧।୩ (ସମିସ):** ସ୍ଥାନୀୟ ପୂର୍ବତନ ବୋର୍ଡ ବାଳକ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ନୀଳକଣ୍ଠ ଚୌଧୁରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବି ନାରାୟଣ ବେହେରା ଏବଂ କବିସୂର୍ଯ୍ୟନଗର ବ୍ଲକ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ନୀଳକଣ୍ଠ ଚୌଧୁରୀଙ୍କ ଶିକ୍ଷକତା ଜୀବନର ଗରୀମାମୟ କଥା ସହିତ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ପ୍ରତି ରହିଥିବା ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ପ୍ରଧାନ ଶିକ୍ଷକ ସିମାଞ୍ଚଳ ପାଣି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ନାୟକ, ଅଶୋକ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ଦାସ, ଲିଙ୍ଗରାଜ ବେହେରା, ନମିତା ପଟ୍ଟନାୟକ, ଅଶୋକ କୁମାର ତ୍ରିପାଠୀ, ଜସ୍ମିତା ବେହେରା, ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ରୁଦ୍ର ପ୍ରସାଦ ଶତପଥୀ, କାଦମ୍ବରି ମାଝୀ, ସଂଯୁକ୍ତା ବିଷୋୟୀ ଏବଂ ଅଙ୍ଗନବାଡ଼ି କର୍ମୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଦେଶୀ ଗୌଡ଼, ମାମିନୀ ବିଷୋୟୀ ଓ ସୋନିଆ ମହାରଣା ଆୟୋଜନ କରିଥିଲେ। ପ୍ରଧାନ ଶିକ୍ଷକ ଦିବାକର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଶିକ୍ଷକ, ପ୍ରଧାନ ଶିକ୍ଷକ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ ପେନସନ କାଗଜ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମା' ଶୀତଳାଇ ହଙ୍ଗାମା କ୍ରିକେଟ୍: ହୁମ୍ମା ଚାମ୍ପିଅନ

**ଗଞ୍ଜାମ, ୩୧।୩ (ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ଗ୍ରାମରେ ମା' ଶୀତଳାଇ ହଙ୍ଗମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରେଡ଼ି କ୍ରିକେଟ ଏକାଦଶକୁ ୧୬ ରନ୍‌ରେ ପରାସ୍ତ କରି ହୁମ୍ମା କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। କେ. ମାସେନୁ ରେଡ଼ିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ସମାଜସେବୀ ପ୍ରଦୀପ ବେହେରା, ଏ. ରାବଣା ରାଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ୧୦ ହଜାର ଅର୍ଥରାଶିର ଚେକ୍ ଓ ରନର୍ସ ଟିମ୍‌କୁ ୭ ହଜାର ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ୮ଟି ଟିମ ଭାଗ ନେଇଥିଲେ। ମିଥୁନ ଓମ୍ପାୟାରିଂ କରିଥିଲେ।

# ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ



**କୋଦଳା, ୩୧।୩ (ସମିସ):** ରବିବାର ବେଗୁନିଆପଡ଼ା ବ୍ଲକ ସୌରା ଛଚିନା ଠାରେ ବିଜେଡିର ନିର୍ବାଚନୀ ରଣନୀତି ପ୍ରସ୍ତୁତି ବୈଠକ ବ୍ଲକ ସଭାପତି ସିମାଞ୍ଚଳ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇଥିବା ବେଳେ ବେଗୁନିଆପଡ଼ା ବ୍ଲକ, କୋଦଳା ଏନ୍ଏସିର ସମସ୍ତ କର୍ମକର୍ତ୍ତା ଓ ବିଜୁ କର୍ମୀ ଉପସ୍ଥିତ ରହି ଦ୍ୱିତୀୟ ଥର ପାଇଁ ବିଧାୟିକା ପ୍ରାର୍ଥୀ ଭାବେ ଘୋଷଣା ହୋଇଥିବାରୁ ବିଧାୟିକାଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସଭାପତି ନବୀନ ପଟ୍ଟନାୟକ ବିଧାୟିକାଙ୍କ ପ୍ରତି ଆସ୍ଥା ପ୍ରକଟ ପରି ପୁନର୍ବାର ପ୍ରାର୍ଥୀ ହେବାକୁ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ପଞ୍ଚାୟତ ପ୍ରତିନିଧି, ଏନ୍ଏସି କାଉନସିଲର, ବିଭିନ୍ନ ପଦ ପଦବୀରେ ଥିବା କର୍ମକର୍ତ୍ତା ଓ ଦଳୀୟ କର୍ମୀ ବିଜେଡିର ଉଭୟ ସାଂସଦ ଓ ବିଧାୟିକାଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ଗୋଟିଏ ମଞ୍ଚରେ ସାଂସଦ ଓ ବିଧାୟିକା ବେଗୁନିଆପଡ଼ା ବ୍ଲକ ଓ କୋଦଳା ଏନ୍ଏସି ସର୍ବସାଧାରଣଙ୍କ ପାଇଁ ଏକ ସମ୍ମିଳନୀର ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ।

# ନିର୍ବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରମ୍ଭା, ୩୧।୩ (ସମିସ):** ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବିଷୋୟୀଙ୍କ ତତ୍ତ୍ୱାବଧାନରେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ସତ୍ୟବାନ ପଟେଲ ଅଧୀକ୍ଷଣ ଯନ୍ତ୍ରୀ ଗଞ୍ଜାମ ରାସ୍ତା ଓ କୋଠା ବାଡ଼ି ବିଭାଜନ ନଂ-୨ ବ୍ରହ୍ମପୁର ମୁଖ୍ୟ ଅତିଥି, ଜି. ରାଜ ଗୋପଳ ନିର୍ବାହୀ ଯନ୍ତ୍ରୀ ସମ୍ମାନିତ ଅତିଥି, ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ନିର୍ମଳ ନାୟକଙ୍କ ସହିତ ବ୍ରହ୍ମପୁର ପୂର୍ତ୍ତ ବିଭାଗ ନଂ -୨ ଅଧୀନସ୍ଥ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ସଭାରେ ଏଇଜି ଛତ୍ରପୁର ମଳୟ ସାହୁଙ୍କୁ ରମ୍ଭା ପୂର୍ତ୍ତ ନିଭାଗର ଦାୟିତ୍ୱ ହସ୍ତାନ୍ତର ହୋଇଥିଲା। କାର୍ଯ୍ୟକ୍ରମକୁ ରମ୍ଭା ପୂର୍ତ୍ତ ବିଭାଗ କୋଷାଧ୍ୟକ୍ଷ ରଘୁନାଥ ମହାପାତ୍ର, ପଞ୍ଚାନନ ଖଟୁଆ, ଅରୁଣ ବାରିକ, କିଶୋର ଚନ୍ଦ୍ର ଘୋଷ, ବିପିନ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

# ୧୯୮୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଗଞ୍ଜାମ, ୩୧।୩ (ସମିସ):** ଗଞ୍ଜାମ ସହରସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ଭାରତୀ ବିଦ୍ୟାପୀଠ ୧୯୮୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଶିକ୍ଷକ ବିପ୍ରଚରଣ ବିଶୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଭାରତ ସହ ଭଗବାନ ଶ୍ରୀକୃଷ୍ଣଙ୍କ କାହାଣୀ ଉପରେ ଉପଦେଶ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମସ୍ତ ପ୍ରାକ୍ତନ ଛାତ୍ର ତାଙ୍କୁ ପାଛୋଟି ଆଣିବା ସହ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମସ୍ତଙ୍କ ମଧ୍ୟରେ ଭାବ ବିନିମୟ ହେବା ସହ ଭାଇଚାରା ସୃଷ୍ଟି ହୋଇଥିଲା। ସୁରେଶ ମହାପାତ୍ର, ଅଶୋକ କୁମାର ବେହେରା, ପ୍ରଦୀପ୍ତ ପ୍ରତାପ ପଟ୍ଟନାୟକ, ଫକୀର ପଟ୍ଟନାୟକ, ରାକେଶ କୁମାର ଦାଶ, ପ୍ରମୋଦ ପାଣିଗ୍ରାହୀ, ବିକ୍ରମ ବେହେରା, କମଳ ଲୋଚନ ବେହେରା, ନୃସିଂହ ପାଢ଼ୀ, ଦୁଃଖିଶ୍ୟାମ ଗୌଡ଼, ମହେନ୍ଦ୍ର ପଣ୍ଡା, ସତ୍ୟ ନାରାୟଣ ବେହେରା, ହରିବନ୍ଧୁ ସାହୁ, ଜଗନ୍ନାଥ ବେହେରା, ବିଶ୍ୱନାଥ ସାମନ୍ତରା, ରାଜେନ୍ଦ୍ର ସେନାପତି, ଗାନ୍ଧୀ ପଟ୍ଟନାୟକ, ଶ୍ରୀଧର ବେହେରା, ରମେଶ ନାୟକ, ଜଗନ୍ନାଥ ଦାଶ, ଲୋକନାଥ ବେହେରା, ମହେନ୍ଦ୍ର ବେହେରା, ନିତେଇ ବାରିକ ନାରାୟଣ ପଣ୍ଡା, ଦିବାକର ଗୌଡ଼ ପ୍ରମୁଖଙ୍କ ସହ ସମସ୍ତ ପ୍ରାକ୍ତନ ଛାତ୍ର ଉପସ୍ଥିତ ଥିଲେ।

## ପାଟପୁରରୁ ଗୁରାଣ୍ଡି ଉଦ୍ଧାର



**ସାନଖେମୁଣ୍ଡି, ୩୧।୩ (ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପାଟପୁର ରେଡି ସାହିରୁ ଏକ ଜଙ୍ଗଲୀ ଗୁରାଣ୍ଡିକୁ ଉଦ୍ଧାର କରିଛନ୍ତି ସାନଖେମୁଣ୍ଡି ବନାଞ୍ଚଳ କର୍ମଚାରୀ। ରବିବାର ସକାଳୁ ଏକ ଗୁରାଣ୍ଡି ଘୋଡ଼ାହାଡ ନଦୀ ଆଡୁ ପାଟପୁର ରେଡି ସାହି ଅଭିମୁଖେ ଦ୍ରୁତ ଗତିରେ ଦୌଡୁ ଥିବା ଲୋକେ ଦେଖିଥିଲେ। ସେହି ଗୁରାଣ୍ଡି କୁକୁଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକ କୁକୁର କବଳରୁ ଗୁରାଣ୍ଡିକୁ ଉଦ୍ଧାର କରିଥିଲେ। ଗାଁ ଲୋକେ ସାନଖେମୁଣ୍ଡି ବନାଞ୍ଚଳ ଅଧିକାରୀ ଅରୁଣ ଦାସଙ୍କୁ ଫୋନ ଯୋଗେ ଏ ବିଷୟରେ ଜଣାଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ଗୁରାଣ୍ଡିକୁ ଉଦ୍ଧାର କରିଥିଲେ। ତେବେ ଗୁରାଣ୍ଡିଟି ସାମାନ୍ୟ କ୍ଷତ ହୋଇ ଥିବାରୁ ସାନଖେମୁଣ୍ଡି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଗୁରାଣ୍ଡିଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ପର୍ଯ୍ୟନ୍ତ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯିବ ଉପରେ ସୁରକ୍ଷିତ ଭାବେ ଘନ ଜଙ୍ଗଲ ମଧ୍ୟରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ପଞ୍ଚୁଦୋଳ ଯାତ୍ରାରେ ହରିହର ଭେଟ



**ଗଞ୍ଜାମ/ହୁମ୍ମା, ୩୧।୩ (ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ହାଟ ପଡ଼ିଆଠାରେ ହେଉଥିବା ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ପ୍ରବଳ ଉତ୍ସାହ, ଉଦ୍ଦିପନା, ଜନସମାଗମ ମଧ୍ୟରେ ଶୁଭାରମ୍ଭ ହୋଇଛି। ପଞ୍ଚୁ ଦୋଳ ଯାତ୍ରାକୁ ଯାଉଥିବା ସମସ୍ତ ଠାକୁର ନିଜ ନିଜ ଗ୍ରାମ ଓ ସାହିରେ ବିରାଟ ଶୋଭାଯାତ୍ରାରେ ପରିକ୍ରମା ସାରି ହୁମ୍ମାସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ ଏକତ୍ରିତ ହୋଇଥିଲେ। ସେଠାରୁ କ୍ରମାନ୍ୱୟରେ ଯାତ୍ରା ପଡ଼ିଆ ଅଭିମୁଖେ ଯାଇଥିଲେ। ଗଡ଼ ହୁମ୍ମା ଛକ ନିକଟରେ ହରିହର ଭେଟ ହୋଇଥିଲା। ପରେ ସମସ୍ତ ଠାକୁର ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ।

ପୂର୍ବରୁ ନିର୍ଦ୍ଧାରିତ ଠାକୁରମାନଙ୍କ ସ୍ଥାନରେ ଠାକୁରମାନେ ବସିଥିଲେ। ଅପରାହ୍ନରେ ଦୁଇଟି ରାମାୟଣ ନାଟକ ପରିବେଷଣ ହୋଇଥିଲା। ସୋମବାର ମହାମିଳନ ପରେ ଯାତ୍ରା ସମାପିତ ହେବା ସହ ପୁଣି ବିରାଟ ଶୋଭାଯାତ୍ରା ଯୋଗେ ଠାକୁରମାନେ ନିଜ ନିଜ ଗ୍ରାମ ଅଭିମୁଖେ ଫେରି ମନ୍ଦିର ମଧ୍ୟକୁ ପ୍ରବେଶ କରିବେ। ଏହିଯାତ୍ରା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

ଯାତ୍ରା କମିଟି ଓ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ସହ ଯାତ୍ରା ପରିଚାଳନା କରାଯାଇଥିଲା। ଏହି ଯାତ୍ରାକୁ ହୁମ୍ମା ଗ୍ରାମର ବିଭିନ୍ନ ସାହି ଯଥା ବଡ଼ ସାହି, ଗୋପୀନାଥ ସାହି, କେଉଟ ସାହି ଓ ଅନ୍ୟାନ୍ୟ ସାହିର ୬ଟି ଠାକୁର ଏବଂ କଣ୍ଟିଆଗଡ଼, ଖଟୁଆ କୁଦା, ଝାଡ଼ କୁଦା, ଗଡ଼ ହୁମ୍ମା, ବେଲପଡ଼ା, କଳାଯମୁନା, ଲୁଂଘୁରି ପ୍ରଭୃତି ଗ୍ରାମର ମୋଟ ୧୩ ଠାକୁର ଏହି ଯାତ୍ରାକୁ ଆସିଥିଲେ। ସେହିପରି ଖଣ୍ଡଦେଉଳି ଗ୍ରାମରେ ଓ ବଳରାମପୁର ଗ୍ରାମରେ ମଧ ପଞ୍ଚୁ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଛି।

# ଗଞ୍ଜେଇ ସହ ବାଇକ୍ ଜବତ; ଜଣେ ଗିରଫ



**ଖଲ୍ଲିକୋଟ, ୩୧।୩ (ସମିସ):** ଖଲ୍ଲିକୋଟ ଥାନା କେଶପୁର ଛକରୁ ଶନିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଟିମ୍ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏସ୍ଆଇ ସୂର୍ଯ୍ୟନାରାୟଣ ରଥଙ୍କ ନେତୃତ୍ୱରେ ଏଏସଆଇ ବସନ୍ତ କୁମାର ମଲ୍ଲିକ, କନେଷ୍ଟବଳ ଲକ୍ଷ୍ମଣ ପ୍ରଧାନ, ସୁରଜିତ ପ୍ରଧାନ, ପବିତ୍ର କୁମାର ସାହୁ, ଧନଞ୍ଜୟ ଦାସ ଓ କେ. ହେମାବତୀ ରେଡ୍ଡୀ ପ୍ରମୁଖ ଚଢ଼ଉ କରି ୧୧ କିଲୋ ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଥିଲେ। ସେହିପରି ଏହି ମାମଲାରେ ବୁଗୁଡ଼ା ଥାନା ଅନଞ୍ଚଳର ବୁଲୁ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ମୋବାଇଲ୍ ଚୋର ଧରାପଡ଼ିଲା

**ସାନଖେମୁଣ୍ଡି, ୩୧।୩ (ସମିସ):** ପାଟପୁର ଥାନା କଉଡ଼ିଆ ଗ୍ରାମରେ ଜଣେ ପେଶାଦାର ମୋବାଇଲ୍ ଚୋରକୁ ଧରି ପୁଲିସର ଜିମା ଦେଲେ ଗ୍ରାମବାସୀ। ଯୁବକ ଜଣଙ୍କ ହେଲେ ଶେରଗଡ଼ ଥାନା ଠୁରୁବୁରାଇ ଗ୍ରାମର ସମୀର ମହାନ୍ତି। ସୂଚନାଯୋଗ୍ୟ କଉଡ଼ିଆ ଗ୍ରାମର ନିଳାଞ୍ଚଳ ପ୍ରଧାନ ଘରେ ଶୋଇଥିବାବେଳେ ରବିବାର ରାତ୍ର କେହି ଦୁର୍ବୃତ୍ତ ଘରେ ପଶି ମୋବାଇଲ୍ ନେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନିଳାଞ୍ଚଳ ପ୍ରଧାନ ଦେଖି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଗୋଡାଇଲେ। ଫଳରେ ଦୁର୍ବୃତ୍ତ ଜଣଙ୍କ ଧାଇଁ ଯାଇ ଗୋଟାଏ ଖାଲରେ ପଡ଼ିଯାଇଥିଲେ। ଖାଲରୁ ଗ୍ରାମବାସୀ ଉଦ୍ଧାର କରି ପାଟପୁର ଥାନାରେ ଜିମା ଦେଇଥିଲେ। ଏନେଇ ନିଳାଞ୍ଚଳ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ୨୨୧/୨୪ରେ ଏକ ମାମଲା ରୁଜୁ କରି ସମୀରକୁ କୋର୍ଟଚାଲାଣ କରିବା ସହ ମୋବାଇଲ ଜବତ କରିଥିଲେ। ପୂର୍ବରୁ ଅଭିଯୁକ୍ତ ଜଣଙ୍କ ମୋବାଇଲ୍ ପାଟପୁର ଥାନା ଯୋଗୁଡ଼ି ଗ୍ରାମରେ ମୋବାଇଲ୍ ଓ ପର୍ସ ଚୋରି କରି ଜେଲ୍ ଯାଇଥିବା ଜଣାପଡ଼ିଛି।

## ୧୫ କ୍ୱିଣ୍ଟାଲ ଗଞ୍ଜେଇ ସହ ୨ ବନ୍ଧୁକ ଜବତ



**ବାଲିଗୁଡ଼ା, ୩୧।୩(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲିଗୁଡ଼ା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦେଢ଼ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ସହ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ପାଟ୍ରୋଲିଂ ବେଳେ ମୁସୁକୁଲି ଗାଁ ନିକଟରେ ଥିବା ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ପୁଲିସ ଜାଣିବାକୁ ପାଇଥିଲା। ବାଲିଗୁଡା ଏସ୍‌ଡିପିଓ ରାହୁଲ ଗୋଏଲଙ୍କ ନେତୃତ୍ୱରେ ପୁଲିସ ମୁସୁକୁଲି ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଘଟଣାସ୍ଥଳରୁ ଚାରି ଜଣ ଗଞ୍ଜେଇ ମାଫିଆ ଫେରାର ହୋଇଯାଇଥିଲେ। ହେଲେ ପୁଲିସ ଜଙ୍ଗଲରୁ ୧୫ କୁଇଣ୍ଟାଲ ଗଞ୍ଜେଇ ସହ ୨ଟି ଦେଶୀ ବନ୍ଧୁକ ଜବତ କରିଥିଲା। ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଜମା କରି ବାହାରକୁ ଚାଲାଣ ପାଇଁ ଯୋଜନା କରାଯାଉଥିବା ପ୍ରାଥମିକ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ରାକେଟରେ ଆଉ କାହାର ସମ୍ପୃକ୍ତି ରହିଛି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଥିବା ଏସ୍‌ଡିପିଓ ଶ୍ରୀ ଗୋଏଲ ସୂଚନା ଦେଇଛନ୍ତି।

### ପୁଲିସ ଓ ବନ ବିଭାଗର ମିଳିତ ଚଢ଼ଉ

## ବିଭିନ୍ନ କିସମର କାଠ ଓ ଯନ୍ତ୍ରାଂଶ ଜବତ

**ପାରଳାଖେମୁଣ୍ଡି, ୩୧।୩(ସମିସ)**



ଗଜପତି ଜିଲ୍ଲା ଗାରବନ୍ଧ ପୁଲିସ ଓ ମହେନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ୫୦ ସିଏଫଟି ପରିମାଣର ବିଭିନ୍ନ କିସମର କାଠ ଜବତ କରାଯିବା ସହ ଗଛ ତଥା କାଠ କଟା ଯନ୍ତ୍ରପାତି ଆଦିକୁ ଜବତ କରାଯାଇଛି। ଗାରବନ୍ଧ ପୁଲିସ ଥାନା ଅଧିକାରୀ ରୀନାରାଣି ସାହୁ ଏବଂ ମହେନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତଙ୍କ ନେତୃତ୍ୱରେ କୌଣସି ସୂତ୍ରରୁ ଖବର ପାଇ ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ବୁରୁଝୋଲି ଗ୍ରାମ ନିକଟରେ ଥିବା କାଠ କଟାଯାଉଥିବା ଏକ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢଉ ସମ୍ପର୍କରେ ଜାଣିପାରି ଦୁର୍ବୃତ୍ତମାନେ ଖସି ପଳାଇଥିବା ବେଳେ ସେଠାରେ ରହିଥିବା ବିଭିନ୍ନ କିସମର କାଠ ଏବଂ କାଠ ତଥା ଗଛ କଟା ଯିବା ପାଇଁ ରହିଥିବା ଯନ୍ତ୍ରପାତିକୁ ଜବତ କରାଯାଇଥିଲା। ଜବତ କାଠ ଏବଂ ବିଭିନ୍ନ ଉପକରଣର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଜବତ କାଠ ଏବଂ ବିଭିନ୍ନ ଯନ୍ତ୍ରପାତିକୁ ବନ ବିଭାଗ ନିଜ ହେପାଜତକୁ ନେଇ ନାରାୟଣପୁରସ୍ଥିତ ମହେନ୍ଦ୍ରଗିରି ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଛି। ଚଢ଼ଉରେ ଗାରବନ୍ଧ ବନାଞ୍ଚଳ ଫରେଷ୍ଟର ଦୁର୍ଯ୍ୟୋଧନ ଜେନା, ଗାରବନ୍ଧ ଥାନାର ଏସ୍‌ଆଇ ଲକ୍ଷ୍ମଣ ବେହେରା ଓ କନଷ୍ଟେବଳ ସୁଧୀର କୁମାର ଜେନା ସାମିଲ ହୋଇଥିଲେ।

## ୪ ଦିନରେ ୨ ବାଇକ୍ ଚୋରି

**ଜି.ଉଦୟଗିରି, ୩୧।୩(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ମାତିଛନ୍ତି ବାଇକ୍ ଲୁଟେରା। ଦିନ ଦ୍ୱିପ୍ରହରରେ ଚୋରି ହେଉଛି ଗାଡ଼ି। ୪ ଦିନ ତଳେ ଜି. ଉଦୟଗିରି ହାତୀଶାଳ ସ୍କୁଲ ଆଗରୁ ଗୋଟିଏ ବାଇକ୍ ଦିନ ବେଳେ ଚୋରି ହୋଇଥିବା ବେଳେ ରବିବାର ଦିନ ୧୨ଟାରେ ଆରୁଖଗଳିରୁ ଲଡୁ କିଶୋର ସାସମଲଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଇକ୍ ହାଣ୍ଡେଲ ଲକ୍ ହୋଇଥିଲେ ମଧ୍ୟ କେହି ଟେର ପାଇ ନ ଥିଲେ। ଏ ସମ୍ପର୍କରେ ଶ୍ରୀ ସାସମଲ ସ୍ଥାନୀୟ ଥାନାରେ ଜଣାଇଛନ୍ତି। ଦିନ ବେଳେ ବଜାରରେ ଏହିଭଳି ଚୋରିକୁ ନେଇ ସାଧାରଣରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏହାସହିତ ଦିନକୁ ଦିନ ମୋବାଇଲ ଲୁଟ୍ ଘଟଣା ବଢୁଥିବା ବେଳେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଗଳିତ ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି, ୩୧।୩(ସମିସ):** ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମ ନିକଟରେ ଥିବା ଏକ ନାଳ ତଟ ଚାଷ ଜମିରୁ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ରବିବାର ମଧ୍ୟାହ୍ନରେ ଉଲ୍ଲେଖିତ ସ୍ଥାନରେ ଗଳିତ ମୃତଦେହ ପଡ଼ିଥିବା ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ଏ ନେଇ ଗୁରାଣ୍ଡି ଥାନାକୁ ଖବର ଦିଆଯାଇଥିଲା। ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏସ୍.ଆଇ ବଳରାମ ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ପଚିଶଢ଼ି ଯାଇଥିବା ବେଳେ ପରିଚୟ ମିଳିପାରି ନାହିଁ। ଗଳିତ ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଏସ୍.ଆଇ ଶ୍ରୀ ବେହେରା କହିଛନ୍ତି।



## ଜି.ଉଦୟଗିରିରେ ଯୀଶୁଙ୍କ ପୁନରୁତ୍ଥାନ ଦିବସ



**ଜି.ଉଦୟଗିରି, ୩୧।୩(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରିର ବିଭିନ୍ନ ଚର୍ଚ୍ଚରେ ଇଷ୍ଟର ସଣ୍ଡେ (ପୁନରୁତ୍ଥାନ ଦିବସ) ବା ପୁଣ୍ୟ ରବିବାର ପର୍ବ ପାଳିତ ହୋଇଛି। ଏହି ଦିନରେ ପ୍ରତି ଚର୍ଚ୍ଚରେ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ପର୍ବ ପାଳନ କରାଯାଇଥାଏ। ବ୍ଲକ ଅଧୀନରେ ଥିବା ନୂଆସାହି ବାପଟିଷ୍ଟ ଚର୍ଚ୍ଚ, ମାଲିକାପଡ଼ି ବାପଟିଷ୍ଟ ଚର୍ଚ୍ଚ, ସୁକାନାଣ୍ଡା କ୍ୟାଥଲିକ ଚର୍ଚ୍ଚ, କୁମ୍ଭାରକୁପା କ୍ୟାଥଲିକ ଚର୍ଚ୍ଚ, କନବାଗିରି ସିଏନଆଇ ଚର୍ଚ୍ଚ ସମେତ ଅନ୍ୟ ଚର୍ଚ୍ଚରେ ପ୍ରାର୍ଥନା ଓ ଉପାସନା କରାଯାଇ ଆନନ୍ଦର ସହ ଇଷ୍ଟର ସଣ୍ଡେ ପାଳନ କରାଯାଇଥିଲା। ଏହି କ୍ରମରେ ନୂଆସାହି ବାପଟିଷ୍ଟ ଚର୍ଚ୍ଚରେ ମୁଖ୍ୟବକ୍ତା ଭାବେ ଗୁଣପୁର ନିବାସୀ ଷ୍ଟିଫେନ ଲିମା ଯୋଗ ଦେଇଥିବା ବେଳେ ମଣ୍ଡଳୀର ସଂଯୁକ୍ତା ନାୟକ ପରିଚାଳନା କରିଥିଲେ।

### ■ କଡ଼ିପାରି ଆଶ୍ରମ ବିଦ୍ୟାଳୟରେ ତାଲା ପଡ଼ିବା ଘଟଣା

## ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା ବିଫଳ



**ଫିରିଙ୍ଗିଆ, ୩୧।୩(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କଡ଼ିପାରି ସରକାରୀ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଅରୁଣିପ୍ରିୟା ଖଣ୍ଡେଇଙ୍କ ଦୁର୍ବ୍ୟବହାର ଓ କାର୍ଯ୍ୟରେ ଅବହେଳା ପାଇଁ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ବିଦ୍ୟାଳୟରେ ତାଳା ପକାଇ ରଖିଛନ୍ତି। ଶିକ୍ଷାବିଭାଗର ଏକ ସ୍ୱତନ୍ତ୍ର ଟିମ୍ କଡ଼ିପାରି ଗାଁକୁ ଯାଇ ବିଦ୍ୟାଳୟ ଖୋଲିବା ପାଇଁ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ବୁଝାସୁଝା କରିବା ସହ ଆଲୋଚନା କରିଥିଲେ। ହେଲେ ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ଦାବିକରି ନିଜ ଜିଦରେ ଅଟଳ ରହିଛନ୍ତି ଗ୍ରାମବାସୀ। ଗ୍ରାମବାସୀ ଓ ଅଭିଭାବକଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ ଏହି ବିଦ୍ୟାଳୟରେ ଯୋଗଦେବା ପରେ ଛାତ୍ରଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ କାର୍ଯ୍ୟରତ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଅଶାଳୀନ ବ୍ୟବହାର କରୁଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ଜଣକ ପାଠ ପଢ଼ାଉ ନ ଥିବା ବେଳେ ଏକ ଶ୍ରେଣୀ କୋଠରୀକୁ ନିଜର ବାସଭବନ ବନେଇଛନ୍ତି। ଶିକ୍ଷୟିତ୍ରୀଙ୍କ ଆଚରଣ ପାଇଁ ଅଭିଯୋଗ କଲେ ସେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବ୍ୟବହାର ଓ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଗ୍ରାମବାସୀ ଗତ ୨୭ ତାରିଖଠାରୁ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ବିଦ୍ୟାଳୟ ଭିତରକୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପ୍ରବେଶ କରିବାକୁ ଦେଉନାହାନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ ଏହି ଘଟଣାକୁ ନେଇ ତାଙ୍କୁ ଗ୍ରାମବାସୀ ନିର୍ଯାତନା ଦେଉଥିବା ଦର୍ଶାଇ ଗୋଛାପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ଫିରିଙ୍ଗିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶିବାଜୀ କହଁରଙ୍କ ସହ ସ୍ଥାନୀୟ ସିଆରସିସି ଗାଁକୁ ଯାଇ ବିଦ୍ୟାଳୟ ଖୋଲିବା ପାଇଁ ଦୁଇଘଣ୍ଟା ଧରି ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିବାରୁ ନିରାଶ ହୋଇ ଫେରିଯାଇଥିଲେ।

## ରାଇକିଆରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ପର୍ବ



**ରାଇକିଆ, ୩୧।୩(ସମିସ):** ରାଇକିଆସ୍ଥିତ କାଥଲିକ୍ ଚର୍ଚ୍ଚରେ ଶନିବାର ମଧ୍ୟରାତିରେ ଏବଂ ରବିବାର ସକାଳୁ ଦୁଇଦିନ ଧରି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପୁନରୁତ୍ଥାନ ପର୍ବ ମହା ଆଡ଼ମ୍ବରରେ ପାଳନ କରାଯାଇଛି। ରାଇକିଆ ପ୍ୟାରିସ ଚର୍ଚ୍ଚ ମୁଖ୍ୟ ଧର୍ମଯାଜକ ପ୍ରଦୋଷ ଚନ୍ଦ୍ର ନାୟକ ଏବଂ ସହ ଯାଜକ ପୁରୁଷୋତ୍ତମ ନାୟକ, ଯାଜକ ଜେରେମ ନାୟକ ପବିତ୍ର ବାଇବେଲ ପଠନ କରି ପୃଥିବୀବାସୀ ଏବଂ ଅଞ୍ଚଳବାସୀଙ୍କ ପାଇଁ ସାମୂହିକ ପ୍ରାର୍ଥନା କରି ପୁନରୁତ୍ଥାନ ପର୍ବର ଦିବ୍ୟ ଯଜ୍ଞ ଉତ୍ସର୍ଗ କରିଥିଲେ। ଯୀଶୁଙ୍କ ପୁନରୁତ୍ଥାନ ଦ୍ୱାରା ଖ୍ରୀଷ୍ଟ ବିଶ୍ୱାସୀ ଏକ ନୂତନ ଜୀବନ ଲାଭ କରିବା ସହ ଅନନ୍ତ ଜୀବନ ପାଇବାର ଯୋଗ୍ୟ ହୋଇପାରିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରାଇକିଆ ମଣ୍ଡଳୀ କର୍ମକର୍ତ୍ତା ପରିଚାଳନା କରିଥିଲେ। ଯୁବଗୋଷ୍ଠୀଙ୍କ ଦ୍ୱାରା ଦିବ୍ୟଯଜ୍ଞ କାଳୀନ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲା। କମିଟିର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ବିଭିନ୍ନ ମଣ୍ଡଳୀରୁ ବହୁ ଖ୍ରୀଷ୍ଟବିଶ୍ୱାସୀ ସାମିଲ ହୋଇ ଆନନ୍ଦ ଉଲ୍ଲାସରେ ପର୍ବ ପାଳନ କରିଥିଲେ। ସେହିପରି ମଣ୍ଡାସରୁ ପ୍ୟାରିସ ସ୍ଥାନୀୟ କାଥଲିକ୍ ଚର୍ଚ୍ଚରେ ମଧ୍ୟ ଏହି ପର୍ବ ପାଳନ କରାଯାଇଛି।

## କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦିଗପହଣ୍ଡି, ୩୧।୩(ସମିସ):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ପ୍ରାଧ୍ୟାପକ ଡ. ଅସିତ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। କଲେଜ ପରିଚାଳନା କମିଟି ସଭାନେତ୍ରୀ ଡ.ସନ୍ଧ୍ୟାରାଣୀ ଦାସ, ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ଡ.କୁଳମଣି ଓଝା, ସେକ୍ସନ ଅଫିସର କିଶୋର ଚନ୍ଦ୍ର ପଣ୍ଡା, ଖେମୁଣ୍ଡି ଓକିଲ ସଂଘର ସଭାପତି ତଥା ଆଲୁମିନି ସମ୍ପାଦକ ହରପ୍ରସାଦ ରଥ, କମିଟି ସଦସ୍ୟ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବରିଷ୍ଠ ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀଙ୍କ ସମେତ ବହୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି କଲେଜର ସାମଗ୍ରିକ ବିକାଶ ଦିଗରେ ଅଧ୍ୟକ୍ଷଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ପ୍ରଭଞ୍ଜନ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ କର୍ମଚାରୀ ଦେବବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘କେତେ ଦୁଃଖ ଦେବୁ ଦେରେ କାଳିଆ’ ମଞ୍ଚସ୍ଥ



**ବୁଗୁଡ଼ା, ୩୧।୩(ସମିସ):** ପବିତ୍ର ଦଣ୍ଡଯାତ୍ରା ଉପଲକ୍ଷେ ବୁଗୁଡ଼ାର ମହାମାୟୀ ନାଟ୍ୟ ସଂଘ ପକ୍ଷରୁ ସାମାଜିକ ନାଟକ ‘କେତେ ଦୁଃଖ ଦେବୁ ଦେରେ କାଳିଆ’ ସ୍ଥାନୀୟ ବଡଦାଣ୍ଡଠାରେ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ସର୍ବେଶ୍ୱର ଦାଶଙ୍କ ନିର୍ଦ୍ଦେଶିତ ଉକ୍ତ ନାଟକର ଉଦ୍‌ଘାଟନୀ ଉତ୍ସବରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ବିଜେଡି ନଗର ସଭାପତି କେ.ତ୍ରିଲୋଚନ ଦୋରାଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପୋଲସରା ସମୀର ଚିତ୍ରାଳୟର ଆକର୍ଷଣୀୟ ଆଲୋକସଜ୍ଜା ସାଙ୍ଗକୁ ପ୍ରତାପ ଓ ମୁନିଙ୍କ ସଙ୍ଗୀତ ପରିବେଷଣରେ ଅନୁଷ୍ଠିତ ଉକ୍ତ ନାଟକକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ନାଟକ ପରିଚାଳନାରେ ଶରତ ଚନ୍ଦ୍ର ମହାରଣା, ରମଣ ନାହାକ, ବସନ୍ତ ସ୍ୱାଇଁ, ଦୁଃଖୀ ପାତ୍ର, ଦିଲ୍ଲୀପ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରମିକ ନେତା ପ୍ରତାପ ଚନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ



**ବ୍ରହ୍ମପୁର, ୩୧।୩(ସମିସ):** ଶ୍ରମିକ ନେତା ସ୍ୱର୍ଗତ ପ୍ରତାପ ଚନ୍ଦ୍ର ଶତପଥୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଓଡ଼ିଶା ଇପିଫ ପେନସନର୍ସ ଅସୋସିଆସନ ପକ୍ଷରୁ ପୁରୁଣା ବ୍ରହ୍ମପୁର ସ୍ଥିତ ଚନ୍ଦ୍ରଶେଖର ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ତ୍ରିନାଥ ମହାରଣା, ଇପିଏଫ ସଂଘର ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ଚୌଧୁରୀ, ବ୍ରହ୍ମପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ଶିବ ପ୍ରସାଦ ମହାପାତ୍ର, ଅସୋସିଆସନର ସମ୍ପାଦକ ପ୍ରଶାନ୍ତ କୁମାର ସଭାପତି, ସଦସ୍ୟ ରବୀନ୍ଦ୍ର ନାଥ ଶତପଥୀ, ଦୀପ୍ତି ଶଙ୍କର ପଟନାୟକ ଓ ବାଳକୃଷ୍ଣ ଦାଶଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାପତି ଶ୍ରୀ ମାହାରଣା ଇପିଏଫ ପେନସନର୍ସ ମାନଙ୍କ ନାର୍ଯ୍ୟ ଦାବି ହାସଲ ଆନ୍ଦୋଳନରେ ସ୍ୱର୍ଗତ ଶତପଥୀଙ୍କ ଭାଗିଦାରୀତାକୁ ପ୍ରଶଂସା କରିଥିଲେ।

## ଆଦିବାସୀ ସଂଗ୍ରାମୀ ନେତା ଉଗ୍ରସେନ ମଲିକଙ୍କ ଶ୍ରଦ୍ଧାଞ୍ଜଳି ଦିବସ

**ଫୁଲବାଣୀ, ୩୧।୩(ସମିସ):** ଫୁଲବାଣୀର କୁଇ ସମାଜ ସେବା ସମିତିର ମାସିକ ବୈଠକ ତଥା କନ୍ଧମାଳ ଜିଲ୍ଲାର ଆଦିବାସୀ ସଂଗ୍ରାମୀ ନେତା ଉଗ୍ରସେନ ମଲିକଙ୍କ ୪୮ତମ ଶ୍ରଦ୍ଧାଞ୍ଜଳି ଦିବସ କୁଇ ସମାଜ ସେବା ସମିତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ କୁଇ ଭାଷା ସାହିତ୍ୟ ସମିତି କୁଇଦିନା ସଭାପତି ଦୀନବନ୍ଧୁ କହଁରଙ୍କ ସଭାପତିତ୍ୱରେ ହୋଇଥିଲା। ପ୍ରଥମେ ସଂଗ୍ରାମୀ ନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଏଥିରେ କୁଇ ସମାଜ ସେବା ସମିତି ସମ୍ପାଦକ ଅବନୀ କୁମାର କହଁର, ସହ ସମ୍ପାଦକ ଅଚ୍ୟୁତ ଜାନୀ, ନାରୀ ସମ୍ପାଦିକା ଗୀତାଞ୍ଜଳୀ କହଁର, ଷଡମୁଠା ଶାଖା ସଭାପତି ଭାଗିରଥୀ କହଁର, ଫିରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, ଗୁଆ ହରିଡା ଶାଖା ସଭାପତି ମସ୍ତରାମ ମଲିକ, ବାରପଲ୍ଲୀଶାଖା ସଭାପତି କୃଷ୍ଣଚନ୍ଦ୍ର କହଁର, ବେଲାଳସେନ କହଁର, ଭୃଙ୍ଗରାଜ କହଁର ଓ ସରିତା କହଁର ଯୋଗ ଦେଇଥିଲେ।

### ସଚେତନତା ରଥ ପରିକ୍ରମା

## ବାଲ୍ୟବିବାହ ରୋକିବା ଓ ବାଧ୍ୟତାମୂଳକ ଶିକ୍ଷାକୁ ଗୁରୁତ୍ୱ

**ରାୟଗଡ଼, ୩୧।୩(ସମିସ)**




କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେସନ ସହାୟତାରେ ଓ ସିସିଡି ଅନୁଷ୍ଠାନ ପକ୍ଷରୁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର କେରାଣ୍ଡି ପଞ୍ଚାୟତର ଓୟା ବିଦ୍ୟାଳୟ ପରିସରରେ ସମିତିସଭ୍ୟ ଗୋବର୍ଦ୍ଧନ ଶବରଙ୍କ ଦ୍ୱାରା ବାଲ୍ୟ ବିବାହ ରୋକିବା ଏବଂ ବାଧ୍ୟତାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବା ନିମନ୍ତେ ସଚେତନ କରାଇବା ନିମନ୍ତେ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଏହି ରଥ ଗଙ୍ଗାବାଡ଼, ଲକ୍ଷ୍ମୀପୁର, କଇଁପୁର ଆଦି ପଞ୍ଚାୟତର ବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ରୋକିବା ନିମନ୍ତେ ଓ ବାଧ୍ୟତାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟ ଯିବା ନିମନ୍ତେ ଉତ୍ସାହିତ କରିବା ଓ ଜନସାଧାରଣଙ୍କୁ ସଚେତନତା କରିବା ହେଉଛି ଏହି ରଥ ପରିକ୍ରମା କରିବାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତି ଗ୍ରାମର ଜନସାଧାରଣ ନିଜର ଶିଶୁମାନଙ୍କୁ କମ୍ ବୟସ ବିବାହ ନ କରି ଝିଅକୁ ୧୮ ଓ ପୁଅକୁ ୨୧ ବର୍ଷ ହେଲେ ବିବାହ କରିବା ଦ୍ୱାରା ଶିଶୁର ଶାରୀରିକ ଓ ମାନସିକ କ୍ଷେତ୍ରରେ ବିକାଶ ହେବ ବୋଲି କୁହାଯାଇଛି। ସେହିପରି ଶିଶୁଙ୍କୁ କୌଣସି ଘରୋଇ କାମ ବା ମଜୁରୀ କାମରେ ନିୟୋଜିତ ନ କରି ବିଦ୍ୟାଳୟ ଯିବା ନିମନ୍ତେ ଉତ୍ସାହିତ କଲେ; ଏହା ଦ୍ୱାରା ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ପରି ଶୋଷଣ ଓ ନିର୍ଯାତନାରୁ ରକ୍ଷା ପାଇବା ସହ ସମାଜର ମୁଖ୍ୟସ୍ରୋତରେ ପିଲାଏ ସାମିଲ ହେବାର ସୁଯୋଗ ପାଇବେ। ଶିଶୁର ବିକାଶ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଏହି ଅବସରରେ ବହୁ ଶିଶୁ, ଶିକ୍ଷକ, ୱାର୍ଡ ମେମ୍ବର, ଗ୍ରାମର ମୁଖିଆ, ଯୁବକ ସଙ୍ଘ ଓ ସିସିଡିର ଜିଲ୍ଲା ସଂଯୋଜକ ବିଜୟ ପ୍ରଧାନ, ଇନ୍ଦୁମତୀ ଦେବୀ, କାବେରୀ ଗମାଙ୍ଗ, ଜ୍ୟୋତି ଭୂୟାଁ, ଶଙ୍କର ନାୟକ ଓ ଗୋପାଳ ଗମାଙ୍ଗ ଉପସ୍ଥିତ ଥିଲେ।

## ବନାଞ୍ଚଳ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଭଞ୍ଜନଗର, ୩୧।୩(ସମିସ):** ସ୍ଥାନୀୟ ଲାଲସିଙ୍ଗ୍ ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ପ୍ରଶିକ୍ଷଣ ପ୍ରକୋଷ୍ଠରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧୀନସ୍ଥ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ପୃଥିବିରାଜ ପ୍ରଧାନଙ୍କୁ ନୂତନ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ରୂପେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ସମେତ ଦକ୍ଷିଣ ଘୁମୁସର ସହକାରୀ ବନ ସଂରକ୍ଷକ ରଜତ କୁମାର ମିଶ୍ର, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀ, ପ୍ରଶାନ୍ତ କୁମାର ସାହୁ, ଅଶୋକ ହୋତା, ବୈରାଗୀ ବେହେରା, ମୁଜାଗଡ଼ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଉପ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଏବଂ ଉତ୍ତର ଘୁମୁସର ବନଖଣ୍ଡର ସମସ୍ତ ଅଧସ୍ତନ କର୍ମଚାରୀ, ସମସ୍ତ ବନପାଳ ଓ ବନରକ୍ଷୀ, ପ୍ରକଳ୍ପ କର୍ମଚାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ଡ଼ାକୁଆ ସଂଯୋଜନା କରିଥିଲେ।

